RNI No.ODIODI/2010/33031
୧୭ ବର୍ଷ Volume-17
ISSUE -82 ସଂଖ୍ୟା-୮୨
ଭୁବନେଶ୍ୱର, ଶନିବାର ୦୬ ଜୁନ୍ ୨୦୨୬
Bhubaneswar, Saturday 06 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ପିପିଲିରେ ଚାନ୍ଦୁଆ ହସ୍ତଶିଳ୍ପ ହବ୍‌ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ,୫।୬(ନି.ପ୍ର.): ଓଡ଼ିଶାର କଳା, ଐତିହ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ପ୍ରତୀକ ପିପିଲି ଚାନ୍ଦୁଆ ଶିଳ୍ପର ବିକାଶ ପାଇଁ ଆଜି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପିପିଲି ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ମୌଜାରେ ୫ ଏକରରୁ ଅଧିକ ଜମି ଉପରେ ଏକ ଅତ୍ୟାଧୁନିକ 'ପିପିଲି ଚାନ୍ଦୁଆ ହସ୍ତଶିଳ୍ପ ହବ୍' ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ପ୍ରାୟ ୮୦ କୋଟି ଟଙ୍କା ବିନିଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ ।

ଶିଳାନ୍ୟାସ ଅବସରରେ ଉଦ୍‌ବୋଧନ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପିପିଲି ଚାନ୍ଦୁଆ କେବଳ ଏକ ହସ୍ତଶିଳ୍ପ ନୁହେଁ, ଏହା ଓଡ଼ିଆ ଜାତିର ସ୍ୱାଭିମାନ ଓ 'ଓଡ଼ିଆ ଅସ୍ମିତା'ର ପରିଚୟ । ଏହି କଳା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା ଓ ରଥଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ବିଗତ ସରକାରଗୁଡ଼ିକର ଅଦୂରଦର୍ଶିତା ଯୋଗୁଁ ଏହି ବିଶ୍ୱପ୍ରସିଦ୍ଧ କାରିଗରମାନେ ବର୍ଷ ବର୍ଷ ଧରି ନିଜର ହକ୍‌ରୁ ବଞ୍ଚିତ ହେଉଥିଲେ । ଆଜିର ଏହି ଶିଳାନ୍ୟାସ ସେହି ସ୍ୱାର୍ଥପର ରାଜନୀତି ବିରୁଦ୍ଧରେ ଏକ ଦୃଢ଼ ଜବାବ ବୋଲି ମତଦେଇ ଆମ ସରକାର କେବଳ ଶିଳାନ୍ୟାସ କରେନାହିଁ, ବରଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରି ଉଦ୍‌ଘାଟନ କରିବାର ରେକର୍ଡ ରଖିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ ଯେ, ପାଞ୍ଚ ମହଲା ବିଶିଷ୍ଟ ନିର୍ମାଣ ହେବାକୁ ଥିବା ଏହି ସମନ୍ୱିତ "କ୍ରାଫ୍ଟ, କଲଚର ଆଣ୍ଡ ଟୁରିଜମ୍ ହବ୍"ରେ ୫୦ଟି ବ୍ୟବସାୟିକ ଦୋକାନ, ୬ଟି ସରକାରୀ ସୋ-ରୁମ୍, ଲାଇଭ୍ ଡେମୋନଷ୍ଟ୍ରେସନ୍ କେନ୍ଦ୍ର, ଟ୍ରେନିଂ ସେଣ୍ଟର, ଅଡିଓ-ଭିଜୁଆଲ୍ ଗ୍ୟାଲେରୀ, ମୁକ୍ତ ଆକାଶ ରଙ୍ଗମଞ୍ଚ, ଓଡ଼ିଆ ଫୁଡ୍ କୋର୍ଟ ଭଳି ସମସ୍ତ ଅତ୍ୟାଧୁନିକ ସୁବିଧା ରହିବ । ଏଠାରେ ଚାନ୍ଦୁଆ ସମେତ ଓଡ଼ିଶାର ସମସ୍ତ ୬୪ଟି ଅନୁମୋଦିତ ହସ୍ତଶିଳ୍ପ ଏବଂ ୬ଟି ଜି.ଆଇ. ମାନ୍ୟତାପ୍ରାପ୍ତ କଳାର ପ୍ରଦର୍ଶନ ଓ ବିକ୍ରୟ କରାଯିବ ।

ପିପିଲି ବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଦ୍ୱାରା ପିପିଲି ଓ ଆଖପାଖ ଅଞ୍ଚଳର ୬ ହଜାରରୁ ଅଧିକ କାରିଗର ସିଧାସଳଖ ଉପକୃତ ହେବେ । କାରିଗରମାନଙ୍କୁ ସୁଲଭ ମୂଲ୍ୟରେ କଞ୍ଚାମାଲ ଯୋଗାଇବା ପାଇଁ ଏଠାରେ ଏକ 'Raw Material Bank' ସ୍ଥାପନ କରାଯିବ । ଏହାସହ ଇ-କମର୍ସ ଯୁଗକୁ ଲକ୍ଷ୍ୟ କରି କାରିଗର, ବିଶେଷ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲ୍ୟୁଏଚଜି)ର ମାଆ ଓ ଭଉଣୀମାନଙ୍କୁ ଡିଜିଟାଲ୍ ମାର୍କେଟିଂ ଏବଂ ପ୍ୟାକେଜିଂର ପ୍ରଶିକ୍ଷଣ ଦିଆଯାଇ ସଶକ୍ତ କରାଯିବ ।

ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଭୋକାଲ ଫର ଲୋକାଲ' ମନ୍ତ୍ରରେ ଅନୁପ୍ରାଣିତ ହୋଇ ପିପିଲି ଚାନ୍ଦୁଆକୁ ବିଶ୍ୱ ବଜାର ସହ ଯୋଡ଼ିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ୨୦୩୬ ଓଡ଼ିଶା ଗଠନର ଶତବାର୍ଷିକୀ ଓ ୨୦୪୭ ସ୍ୱାଧୀନତାର ଶତବର୍ଷ ପୂର୍ତ୍ତିକୁ ଆଖି ଆଗରେ ରଖି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଏହି ହବ୍ ଏକ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାଓ୍ୱତ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଠାରେ ବୃକ୍ଷ ରୋପଣ କରୁଛନ୍ତି । ସାଙ୍ଗରେ ପୁରୀ ସାଂସଦ ଡ ସମ୍ବିତ୍ ପାତ୍ର ଉପସ୍ଥିତ ଅଛନ୍ତି ।

# ଭୁବନେଶ୍ୱରରେ ବଢୁଛି ହିଟ୍ ଇଣ୍ଡେକ୍ସ

ଭୁବନେଶ୍ୱର,୫।୬(ନି.ପ୍ର.): :ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ଉପକୂଳ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଏବଂ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । ବାୟୁମଣ୍ଡଳରେ ପ୍ରକୃତ ତାପମାତ୍ରା ୩୯ସ୍ଵଡ ରୁ ୪୧ସ୍ଵଡ ମଧ୍ୟରେ ସୀମିତ ଥିଲେ ମଧ୍ୟ ପ୍ରବଳ ଆର୍‌ଦ୍ରତା ବା ହ୍ୟୁମିଡିଟି ଯୋଗୁଁ ଅନୁଭୂତ ହେଉଥିବା ତାପମାତ୍ରା ବା 'ହିଟ୍ ଇଣ୍ଡେକ୍ସ' ୪୫ସ୍ଵଡ ରୁ ୫୦ସ୍ଵଡ ଛୁଇଁଛି । ଭୁବନେଶ୍ୱରରେ ଦିନ ୨ଟା ୩୦ ସୁଦ୍ଧା ତାପମାତ୍ରା ୪୧ ଡିଗ୍ରି ରେକର୍ଡ କରାଯାଇଥିବା ବେଳେ ହିଟ୍ ଇଣ୍ଡେକ୍ସ ୫୦ ଡିଗ୍ରି ରହିଛି । ଅର୍ଥାତ ରାଜଧାନୀରେ ୫୦ ଡିଗ୍ରି ଭଳି ଅନୁଭବ ହେଉଛି । ପାଣିପାଗ ବିଭାଗ ଅନୁସାରେ, ଏଭଳି ସ୍ଥିତି ଏକ 'ଘାତକ ଗରମ'ର ରୂପ ନେଇଛି, ଯାହା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼ିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯେ, ଏବେ ସକାଳ ୬ଟା ବେଳଠାରୁ ହିଁ ଟାଇଁଟାଇଁ ଖରା ଆରମ୍ଭ ହୋଇଯାଉଛି । ପାହାନ୍ତିଆ ସମୟରୁ ହିଁ ଦିନ ୧୨ଟା ଭଳି ପ୍ରଖର ଉତ୍ତାପ ଏବଂ ଗୁଳୁଗୁଳି ଅନୁଭବ ହେଉଛି । ବାୟୁମଣ୍ଡଳରେ ପ୍ରଚୁର ପରିମାଣରେ ଜଳୀୟବାଷ୍ପ ରହୁଥିବାରୁ ଶରୀରରୁ ବାହାରୁଥିବା ଝାଳ ଶୁଖୁନାହିଁ । ଫଳରେ ମନୁଷ୍ୟ ଶରୀର ନିଜକୁ ପ୍ରାକୃତିକ ଭାବେ ଥଣ୍ଡା କରିବାରେ ବିଫଳ ହେଉଛି ଏବଂ ଗରମର ପ୍ରକୋପ ଦୁଇଗୁଣା ଅଧିକ ଅନୁଭୂତ ହେଉଛି । ଏହି କାରଣରୁ ସକାଳ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି ।

# ରେପୋ ରେଟ୍ ଅପରିବର୍ତ୍ତିତ ରଖିଲା ଆରବିଆଇ

ନୂଆଦିଲ୍ଲୀ,୫ ।୬: ରିଜର୍ଭ ବ୍ୟାଙ୍କ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ତିନି ଦିନ ଧରି ଚାଲିଥିବା ମନିଟାରୀ ପଲିସି କମିଟି ବୈଠକ ପରେ ରେପୋ ରେଟ୍ ଉପରେ ବଡ଼ ନିଷ୍ପତ୍ତି ଆସିଯାଇଛି । ଆରବିଆଇ ସୁଧ ହାରରେ କୌଣସି ପରିବର୍ତ୍ତନ କରିନାହିଁ ଏବଂ ଏହାକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ରିଜର୍ଭ ବ୍ୟାଙ୍କ ଗତ ଏକ ବର୍ଷ ମଧ୍ୟରେ ରେପୋ ରେଟ୍ ପ୍ରାୟ ୧.୨୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିସାରିଛି, କିନ୍ତୁ ଗତ କିଛି ବୈଠକରେ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । କେନ୍ଦ୍ରୀୟ ବ୍ୟାଙ୍କ ନିଜର ଆଭିମୁଖ୍ୟ ମଧ୍ୟ 'ନ୍ୟୁଟ୍ରାଲ' ରଖିଛି । ଗତ ବର୍ଷ (ଜାନୁଆରୀ ୨୦୨୫ରୁ ଆଜି ଜୁନ ୨୦୨୬ ପର୍ଯ୍ୟନ୍ତ) ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ୍‌ରେ ମୋଟ ୪ ଥର ପରିବର୍ତ୍ତନ କରିଛି । ଏହି ସମୟ ମଧ୍ୟରେ ସୁଧ ହାରକୁ ୬.୫୦% ରୁ ହ୍ରାସ କରାଯାଇ ୫.୨୫% କୁ ଅଣାଯାଇଛି, ଯାହାଦ୍ୱାରା ମୋଟ ଉପରେ ୧.୨୫% (୧୨୫ ବେସିସ ପଏଣ୍ଟ)ର ଏକ ବଡ଼ ଆଶ୍ୱସ୍ତି ମିଳିଛି । ଏହି ସମୟ ମଧ୍ୟରେ ପ୍ରଥମେ ଫେବୃଆରୀ ୨୦୨୫ରେ ରେପୋ ରେଟ୍‌ରେ ୦.୨୫ ପ୍ରତିଶତର ପ୍ରଥମ ହ୍ରାସ କରାଯାଇଥିଲା ।

# ଟ୍ରମ୍ପଙ୍କୁ ଚେତାବନୀ ଦେଲେ ପୁଟିନ

## ଭାରତ ଉପରେ ଚାପ ପକାଇଲେ ହେବ କ୍ଷତିକାରକ

ମସ୍କୋ,୫ ।୬: ଋଷିଆ ଭାରତକୁ ଖୋଲାଖୋଲି ଭାବେ ସମର୍ଥନ କରିଛି । ଭାରତର ବୈଦେଶିକ ନୀତି ଏବଂ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଋଷ ରାଷ୍ଟ୍ରପତି ବ୍ଲାଦିମିର ପୁଟିନ । ସେ ଭାରତକୁ ଏକ ସାର୍ବଭୌମ ଦେଶ, ନିଜର ସବୁଠାରୁ ବୁଦ୍ଧିମାନ ବନ୍ଧୁ ଏବଂ ବିଶ୍ୱାସଯୋଗ୍ୟ ସହଯୋଗୀ ବୋଲି ଅଭିହିତ କରିଛନ୍ତି । ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୈତିକ ଶକ୍ତିଗୁଡ଼ିକ ମଧ୍ୟରୁ ଅନ୍ୟତମ । ଭାରତର ଅର୍ଥବ୍ୟବସ୍ଥା ବିଶ୍ୱର ଅଗ୍ରଣୀ ଅର୍ଥନୀତି ମଧ୍ୟରେ ଗଣାଯାଉଛି ଏବଂ ଋଷ ସହିତ ଏହାର ସମ୍ପର୍କ ଅତ୍ୟନ୍ତ ସୁଦୃଢ଼ ରହିଛି ।

ପାଶ୍ଚାତ୍ୟ ଦେଶ, ବିଶେଷ କରି ଆମେରିକା, ଋଷିଆ ଏବଂ ଭାରତର ସହଯୋଗ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛି, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଚାପ ପକାଇବା ସମ୍ପୂର୍ଣ୍ଣ ବେକାର । ଆମେରିକା ଦ୍ୱାରା ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଚାପ ପକାଇବା ଚେଷ୍ଟା ନିଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ । ଭାରତ ଏବଂ ଋଷିଆର ସମ୍ପର୍କ ଅତି ମଜଭୁତ ଏବଂ ଏହା ବିଶ୍ୱାସର ଭିତ୍ତିଭୂମି ଉପରେ ଠିଆ ହୋଇଛି । ଭାରତ-ଋଷିଆର ଦ୍ୱିପାକ୍ଷିକ ସମ୍ପର୍କକୁ କୌଣସି ବାହ୍ୟ ଚାପ ପ୍ରଭାବିତ କରିପାରିବ ନାହିଁ । ତେଣୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଖରାପ କରିପାରିବେ ନାହିଁ ।

ଋଷିଆ ରାଷ୍ଟ୍ରପତି ବ୍ଲାଦିମିର ପୁଟିନ ଗୁରୁବାର ଦିନ ସେଣ୍ଟ ପିଟର୍ସବର୍ଗରେ ବିଶ୍ୱର ବଡ଼ ବଡ଼ ସମ୍ବାଦ ସରବରାହ ସଂସ୍ଥା (ନ୍ୟୁଜ ଏଜେନ୍ସି) ର ମୁଖ୍ୟମାନଙ୍କ ସହ ଏକ ବିଶେଷ ବୈଠକ କରିଥିଲେ । ଏଥିରେ ସେ ଭାରତ, ଆମେରିକା ଏବଂ ପାକିସ୍ତାନକୁ ନେଇ ନିଜର ମତାମତ ବ୍ୟକ୍ତ କରିଥିଲେ । ସେ କହିଛନ୍ତି ଯେ ଯଦି ଅନ୍ୟ ଦେଶଗୁଡ଼ିକ ସହିତ ଭାରତର ସହଯୋଗ ବଢୁଛି, ତେବେ ଏହା ଋଷ ସହିତ ତାର ଦ୍ୱିପାକ୍ଷିକ ସମ୍ପର୍କ ପ୍ରତି କୌଣସି ବିପଦ ନୁହେଁ । ଆମେରିକା ଅଶୋଧିତ ତୈଳ (କ୍ରୁଡ ଅଏଲ) କୁ ନେଇ ଭାରତ ଉପରେ ଚାପ ପକାଇଛି, କିନ୍ତୁ ଏହା ଦ୍ୱାରା ଭାରତର ଋଷ ସହ ଥିବା ସମ୍ପର୍କ ପ୍ରଭାବିତ ହେବ ନାହିଁ ।



ପୁଟିନ କହିଛନ୍ତି ଯେ ଭାରତ ଉପରେ ଚାପ ପକାଇବା, ନରେନ୍ଦ୍ର ମୋଦିଙ୍କ ଉପରେ ଚାପ ପକାଇବା ଆମେରିକାର ଆନ୍ତର୍ଜାତୀୟ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଋଷିଆ ଏବଂ ଭାରତର ସମ୍ପର୍କ କ୍ରମାଗତ ଭାବେ ବିକଶିତ ହେଉଛି । ଆଗକୁ ମଧ୍ୟ ଏହି ସମ୍ପର୍କ ବଜାୟ ରହିବ, ସୁଦୃଢ଼ ହେବ ଏବଂ ଆହୁରି ଆଗକୁ ବଢ଼ିବ । କେବଳ ଅଶୋଧିତ ତୈଳ କିଣିବା ମଧ୍ୟରେ ଭାରତ ଏବଂ ଋଷର ସମ୍ପର୍କ ସୀମିତ ନୁହେଁ । ଆସନ୍ତା କିଛି ବର୍ଷ ମଧ୍ୟରେ ଦୁଇ ଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ (୧୦ ହଜାର କୋଟି) ଡଲାରରେ ପହଞ୍ଚିପାରେ । ଭାରତ ସର୍ବଦା ନିଜର ଜାତୀୟ ସ୍ୱାର୍ଥକୁ ସର୍ବୋପରି ମନେକରି କାର୍ଯ୍ୟ କରିଥାଏ ।

# ନାମାଙ୍କନ ପତ୍ର ଦାଖଲ କଲେ ଦେବାଶିଷ



ରାଜ୍ୟସଭା ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ, ଅନ୍ୟ ମନ୍ତ୍ରୀ ଓ ବିଜେପି ବିଧାୟକମାନଙ୍କ ଉପସ୍ଥିତିରେ ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ଶ୍ରୀ ସାମନ୍ତରାୟ ।

ନାମାଙ୍କନ ପତ୍ର ଦାଖଲ କରିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ବିଜେଡି ଭାଡି ଖାଲି ହେଉଛି । ଆଗାମୀ ଦିନରେ କ'ଣ ହେଉଛି ଦେଖନ୍ତୁ । ଅଧିକରୁ ଅଧିକ ନେତା ବିଜେପିକୁ ଆସିବେ । ଲୋକଙ୍କୁ ସେବା କରିବାର ସୁଯୋଗ ବିଜେପିରେ ଅଧିକ ଅଛି । ଡବଲ୍ ଇଞ୍ଜିନ୍ ସରକାର ଥିବାରୁ ଏଠାରେ ଅଧିକ କାମ କରିପାରିବି । ଦଳ ମୋ ଠାରୁ ଯେଉଁ କାମ ଚାହିଁବ ମୁଁ କରିବି । ମୋତେ ଯେଭଳି ସମ୍ମାନର ସହ ସ୍ୱାଗତ କରାଗଲା, ଘରେ ପହଞ୍ଚିବା ଭଳି ଲାଗୁଛି । ରାଜ୍ୟସଭା ଉପନିର୍ବାଚନ ପାଇଁ ଗୁରୁବାର (ଗତକାଲି) ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀ ଘୋଷଣା କରିଥିଲା ବିଜେପି । ଗତ ମାସରେ ଶ୍ରୀ ସାମନ୍ତରାୟ ବିଜେଡି ଛାଡିବା ସହିତ ରାଜ୍ୟସଭା ପଦରୁ ଇସ୍ତଫା ଦେବାରୁ ଏହି ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ୨୦୨୪ ଏପ୍ରିଲରେ ବିଜେଡି ଟିକେଟରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦେବାଶିଷ ସାମନ୍ତରାୟ । ତାଙ୍କ କାର୍ଯ୍ୟକାଳ ୨୦୩୦ ଏପ୍ରିଲ ୩ ତାରିଖରେ ଶେଷ ହୋଇଥା'ନ୍ତା । ତା' ପୂର୍ବରୁ ୨୦୨୬ ମେ' ୨୫ ତାରିଖରେ ସେ ବିଜେଡିରୁ ଇସ୍ତଫା ଦେବା ସହିତ ରାଜ୍ୟସଭା ସାଂସଦ ପଦ ମଧ୍ୟ ଛାଡି ଦେଇଥିଲେ । ମେ' ୨୬ରେ ସେ ବିଜେପିରେ ଯୋଗ ଦେଇଥିଲେ । ତେଣୁ ବିଜେପି ତାଙ୍କୁ ଏହି ଉପନିର୍ବାଚନରେ ପ୍ରାର୍ଥୀ କରି ରାଜ୍ୟସଭାକୁ ପଠାଇବାର ଅଧିକ ସମ୍ଭାବନା ରହିଥିଲା ।

# ଏନଓସି ପାଇଁ ୧୦ ହଜାର ଟଙ୍କା ଲାଞ୍ଚ

ଭଦ୍ରକ,୫।୬(ନି.ପ୍ର.): ଭିଜିଲାନ୍ସ ଜାଲରେ ପଡିଛନ୍ତି ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ । ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଧରିଛନ୍ତି ଭିଜିଲାନ୍ସ ଅଧିକାରୀ । ବାସୁଦେବପୁର ଅଞ୍ଚଳର ଏକ ଘରୋଇ ସ୍କୁଲକୁ ଅନାପତ୍ତି ପ୍ରମାଣପତ୍ର ବା ନୋ ଅବଜେକ୍ସନ ସାର୍ଟିଫିକେଟ ଦେବା ପାଇଁ ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ସଂପର୍କରେ ସଂପୃକ୍ତ ସ୍କୁଲ କର୍ତ୍ତୃପକ୍ଷ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଏହା ପରେ ଯୋଜନା ଅନୁଯାୟୀ, ଆଜି ସ୍କୁଲ କର୍ତ୍ତୃପକ୍ଷଙ୍କ ତରଫରୁ ଅଭିଯୋଗକାରୀ ଭଦ୍ରକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜୁନିୟର ଆସିଷ୍ଟାଣ୍ଟ ଶ୍ରୀକାନ୍ତ ଦାସଙ୍କୁ ଭେଟି ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ ।ଶ୍ରୀ ଦାସ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ । ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି । ତା' ସହିତ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଅଫିସରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ । ଲାଞ୍ଚ ନେଇ ଧରାପଡିବା ପରେ ଶ୍ରୀ ଦାସଙ୍କର ଘରଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢଉ କରାଯାଇଥିଲା । ସେ ଆୟ ବହିର୍ଭୂତ ସଂପତ୍ତି ଗ୍ରହଣ କରିଥିବା ସନ୍ଦେହରେ ଏହି ଚଢ଼ଉ କରାଯାଇଥିଲା । ଭିଜିଲାନ୍ସ ପକ୍ଷରୁ ଏନେଇ ମାମଲା ରୁଜୁକରାଯିବା ସହିତ ତଦନ୍ତ ଜାରିରଖାଯାଇଛି ।

# ୨୦୨୫-୨୬ର ଜିଡିପି ଅଭିବୃଦ୍ଧି ୭.୭%

ନୂଆଦିଲ୍ଲୀ: କେନ୍ଦ୍ର ସରକାର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ତଥ୍ୟ ଜାରି କରିଛନ୍ତି । ଗତ ଆର୍ଥିକ ବର୍ଷ ୨୦୨୬-୨୭ରେ ବାସ୍ତବ ଅଭିବୃଦ୍ଧି ୭.୭ ପ୍ରତିଶତ ରହିଛି । ଜିଡିପିର ମୂଲ୍ୟ ୩୨୩.୧୨ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଛି । ୨୦୨୪-୨୫ରେ ତାହା ୨୯୯.୮୯ ଲକ୍ଷ କୋଟି ଟଙ୍କା ଥିଲା । ୨୦୨୪-୨୫ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ ଥିଲା ।୨୦୨୫-୨୬ର ଗ୍ରସ୍ ଭାଲ୍ୟୁ ଆଡେଡ୍ (ଜିଭିଏ) ତଥ୍ୟ ଅନୁସାରେ କୃଷି, ପଶୁ ସମ୍ପଦ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧୮ ପ୍ରତିଶତ ରହିଛି । ସେହିପରି ଖଣି ଓ କ୍ୱାରି ଅଭିବୃଦ୍ଧି ୨ ପ୍ରତିଶତ, ମାନୁଫାକ୍‌ଚରିଂ (ବିନିର୍ମାଣ) ୧୭ ପ୍ରତିଶତ, ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ୟୁଟିଲିଟି ୨ ପ୍ରତିଶତ, ନିର୍ମାଣ ୯ ପ୍ରତିଶତ; ହୋଟେଲ୍, ବାଣିଜ୍ୟ, ପରିବହନ, ଯୋଗଯୋଗ ଓ ସେବା ଅଭିବୃଦ୍ଧି ୧୪ ପ୍ରତିଶତ; ଆର୍ଥିକ ସେବା, ରିଅଲ ଇଷ୍ଟେଟ୍, ସୂଚନା ପ୍ରଯୁକ୍ତି ଓ ପ୍ରଫେସନାଲ ସେବା ଅଭିବୃଦ୍ଧି ୨୬ ପ୍ରତିଶତ ଏବଂ ସାଧାରଣ ପ୍ରଶାନ, ପ୍ରତିରକ୍ଷା ଓ ଅନ୍ୟାନ୍ୟ ସେବା ଅଭିବୃଦ୍ଧି ୧୨ ପ୍ରତିଶତ ରହିଛି ।

## ଡାହୁକ



ନୂଆ ନୁହେଁ ଏଇ ପରୀକ୍ଷାର ଫଳ
ଖାତା ମୂଲ୍ୟାୟନ ତ୍ରୁଟି
ଥରେ ନୁହେଁ ବାରମ୍ବା ଦେଇ ଧୋକା
ମେଧାବୀ ଛାତ୍ରଙ୍କୁ ପଟି
ହୃଦ ଯାଉଥିବ ଫାଟି
ସହଜରେ ନ୍ୟାୟ ମିଳିଯିବ କ'ଣ
ନ ଘୋରିବା ଯାଏ ଚଟି ।
-ବିଧୁ

# ଘରୋଇ ବସ୍ ମାଲିକଙ୍କ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର,୫।୬(ନି.ପ୍ର.): ୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ । ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ (ଷ୍ଟେଟ୍) କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ ।

୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ । ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ (ଷ୍ଟେଟ୍) କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ ।

ସରକାରଙ୍କୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି ଘରୋଇ ବସ୍ ମାଲିକ ସଂଘ । ଯଦି ସରକାର ଦାବି ନ ଶୁଣନ୍ତି, ତା'ହେଲେ ଜୁଲାଇ ୧ ତାରିଖରେ ସଂଘର ବୈଠକ ବସିବ । ସେଥିରେ ପୁଣି ଥରେ ବସ୍ ଧର୍ମଘଟ ହେବ କି ନାହିଁ, ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ । ସେ କହିଛନ୍ତି, ଆଶା କରୁଛୁ ସରକାର ସକାରାତ୍ମକ ପଦକ୍ଷେପ ନେବେ ଓ ଆମ ଦାବି ପୂରଣ କରିବେ ।

ଅନ୍ୟପକ୍ଷରେ ଏସ୍‌ଟିଏ ସମ୍ପାଦକ ଶିବ ତପୋ କହିଛନ୍ତି, ୧୪ଟି ପାରାମିଟର ନେଇ ବସ୍ ଭଡା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖିବ ଏସଟିଏ । ଏହାପରେ ଭଡା ବୃଦ୍ଧି ନେଇ ନିଷ୍ପତ୍ତି ନେବେ ରାଜ୍ୟ ସରକାର ।

ସୂଚନାଯୋଗ୍ୟ, ତୈଳ ଦର ବୃଦ୍ଧି ଯୋଗୁ ଜୁନ୍ ୨ ତାରିଖରେ ପୁଣି ବସ୍ ଭଡା ବାଢ଼ିଥିଲେ ରାଜ୍ୟ ସରକାର । ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୨ ପଇସା ଲେଖାଏ ବଢ଼ିଛି । ପୂର୍ବରୁ ଅର୍ଡିନାରୀ ବସ୍ ଭଡା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି । ଏକ୍ସପ୍ରେସ୍ ବସ୍ ଭଡା କିଲୋମିଟର ପିଛା ୯୪ ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧି ପାଇଛି । ଡିଲକ୍ସ ବସ୍‌ର ଭଡା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ ପଇସା ବଢ଼ି ୧୩୫ ପଇସାରେ ପହଞ୍ଚିଛି । ଏସି ଡିଲକ୍ସ ବସ୍ ଭଡା ମଧ୍ୟ ବୃଦ୍ଧି ପାଇଛି । ପୂର୍ବରୁ ଏହି ବର୍ଗର ବସ୍ ସେବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ ।

# ଚାକିରି ଆଶାୟୀଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ,୫ ।୬: ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା କୌଣସି ବ୍ୟକ୍ତିଙ୍କୁ ସେହି ଚାକିରି ପାଇଁ ଚୟନ କରାଯାଇପାରିବ ନାହିଁ, ଯାହା ସ୍ପଷ୍ଟ ଭାବେ କମ୍ ଯୋଗ୍ୟତା ବିଶିଷ୍ଟ ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି । ଅଦାଲତ କହିଛନ୍ତି ଯେ ଯଦି କେହି ଏଭଳି ଚାକିରି ପାଇବା ପାଇଁ ନିଜର ଉଚ୍ଚ ଶିକ୍ଷା ବିଷୟରେ ଲୁଚାଉଛନ୍ତି, ତେବେ ଏହା ପ୍ରକୃତରେ ଯୋଗ୍ୟ ଥିବା ଅନ୍ୟ ପ୍ରାର୍ଥୀମାନଙ୍କ ସୁଯୋଗକୁ ଛଡ଼ାଇ ନେଇଥାଏ ।

ଏହି ମାମଲା ସିଣ୍ଡିକେଟ ବ୍ୟାଙ୍କର ଜଣେ ଅସ୍ଥାୟୀ ବ୍ୟାଙ୍କ ଆଟେଣ୍ଡାଣ୍ଟଙ୍କୁ ନେଇ ଥିଲା । ଏହି ଚାକିରି କେବଳ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିବା ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । କିନ୍ତୁ ପରେ ଜଣାପଡ଼ିଥିଲା ଯେ ଚାକିରି ପାଇଁ ଆବେଦନ କରିବା ସମୟରେ ସେହି ବ୍ୟକ୍ତିଜଣକ ନିଜେ ଜଣେ ଗ୍ରାଜୁଏଟ (ସ୍ନାତକ) ବୋଲି ପ୍ରକାଶ କରିନଥିଲେ । କୋର୍ଟ କହିଛନ୍ତି ଯେ ଏହା ଭୁଲ ଥିଲା ଏବଂ ଏହା ଚୟନ ପ୍ରକ୍ରିୟାର ସ୍ୱଚ୍ଛତାକୁ ପ୍ରଭାବିତ କରିଛି ।

କମ୍ ଯୋଗ୍ୟତା ବିଶିଷ୍ଟ ଲୋକଙ୍କ ପାଇଁ କିଛି ନିର୍ଦ୍ଦିଷ୍ଟ ଚାକିରି ସଂରକ୍ଷିତ ରଖାଯାଇଥାଏ, ଯଦ୍ୱାରା ସେମାନେ ସରକାରୀ ନିଯୁକ୍ତିରେ ସମାନ ସୁଯୋଗ ପାଇପାରିବେ । ଯଦି ଅଧିକ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିବେ, ତେବେ ଏହା ସେହିମାନଙ୍କ ପାଇଁ ସୁଯୋଗ କମାଇଦେବ ଯେଉଁମାନଙ୍କ ପାଇଁ ପ୍ରକୃତରେ ଏହି ଚାକିରି ଉଦ୍ଦିଷ୍ଟ ।

ଅଦାଲତ ଏକ ପୂର୍ବ ରାୟର ସନ୍ଦର୍ଭ ଦେଇ କହିଛନ୍ତି ଯେ ସରକାରୀ ଚାକିରିରେ ସର୍ବଦା ନିଯୁକ୍ତି ବିଜ୍ଞପ୍ତିରେ ଲେଖାଯାଇଥିବା ନିୟମାବଳୀକୁ ପାଳନ କରାଯିବା ଉଚିତ । ସୁପ୍ରିମକୋର୍ଟ ମାଡ୍ରାସ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି, ଯେଉଁଥିରେ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବାକୁ କୁହାଯାଇଥିଲା । ଚାକିରିରୁ ତାଙ୍କୁ ବାହାର କରିବା ନିଷ୍ପତ୍ତିକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି ଏବଂ କହିଛନ୍ତି ଯେ ଏହି ନିଯୁକ୍ତି ପ୍ରକ୍ରିୟା ନିଜେ ବୈଧ ନଥିଲା ।



## ମରାମତି ପାଇଁ ପ୍ରଶାସନ କୁ ଧନ୍ୟବାଦ ଦେଲେ ପଡାବାସୀ

କୁଚିଣ୍ଡା,୫ ।୬:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ଅନ୍ତର୍ଗତ ପତ୍ରାପାଲି ଗାଁ ବସଷ୍ଟାଣ୍ଡ ପାଖ ୭ ନମ୍ବର ୱାର୍ଡ ଉପର ହରିଜନ ପଡା ର ନଳକୂପ ରେ ଗତ କିଛିଦିନ ଧରି ନାଲି ରଙ୍ଗର ପାଣି ବାହାରୁଥିଲା । ଏହି ପରିପ୍ରେକ୍ଷିରେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ କୁ ପଡାବାସୀ ଙ୍କ ଅଭିଯୋଗ କ୍ରମେ, ଶୁକ୍ରବାର ସକାଳ ସମୟରେ ପଞ୍ଚାୟତ ଏସ୍ ସିଏସ୍ ରୋହିତ ଧାନ ଏବଂ ନଳକୂପ ମରାମତି ଟିମ୍ ଆସି ଉକ୍ତ ନଳକୂପ ର ମରାମତି କରିଥିଲେ । ଏଥିରେ



ପଡାବାସୀ ସହଯୋଗ କରିଥିଲେ। ଏହି ଅବସରରେ ପଡାବାସୀ ପ୍ରଶାସନ କୁ ତଥା କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ଯନ୍ତ୍ରୀ କେଦାର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଆଶା ପ୍ରଧାନ, ସରପଞ୍ଚ ସୁବାସିନୀ ଧାନ ପ୍ରମୁଖ ଙ୍କୁ ନଳକୂପ ର ମରାମତି କାମ କରାଇଥିବା ଯୋଗୁଁ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ ।

## ହାଇୱା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ

ପିପିଲି,୫ ।୬:(ମନ୍ଥନ) ପିପିଲି ଥାନା ଅନ୍ତର୍ଗତ କଣ୍ଟି ଛକଠାରେ ଏକ ହାଇୱା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସସ୍ମିତା ଦାଶ(୪୯) ଗ୍ରାମ ଚରିନଳା ପୁରୀ ଅଟେୟ ତେବେ ମିଳିଥିବା ମିଳିଥିବା ସୁଚନାନୁଯାଇ ସସ୍ମିତା ଭଉଣୀ ଘର ଭାପୁର ରୁ ସ୍ୱାମୀ କୃଷ୍ଣ ଚନ୍ଦ୍ର ଦାସଙ୍କ ସହିତ ବାଇକ ଯୋଗେ ଘରକୁ ପୁରୀ ଚରିନଳା ଫେରୁଥିବା ସମୟରେ କଣ୍ଟି ଛକ ଠାରେ ଏକ ହାଇୱା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା । ସ୍ୱାମୀ ବାଇକରୁ ଛିଟିକି କିଛି ଦୂରରେ ତଳେ ପଡିଯାଇଥିବା ବେଳେ ସ୍ତ୍ରୀ ସସ୍ମିତା ହାଇୱା ଗାଡି ଚକାତଳେ ପଡିଯାଇଥିଲେ। ଯାହା ଫଳରେ ତାଙ୍କର ସେଠାରେ ମୃତ ହୋଇଥିବା ଜଣାପଡିଛି। ଖବର ପାଇ ପିପିଲି ଥାନା ମହିଳା ସବଇନ୍ସପେକ୍ଟର ବାବୁ ପ୍ରିୟ ଦର୍ଶନୀ ସାହୁ ଙ୍କ ସମେତ ସଦଳବଳ ପୋଲିସ ପହଂଚି ମହିଳାଙ୍କୁ ପିପିଲି ମେଡିକାଲ କୁ ଆଣିଥିଲେ। ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଜବତ କରି ତଦନ୍ତ ଚଳାଇଛି । ଗାଡି ଡ୍ରାଇଭର ଥାନାରେ ଅଟକ ରହିଥିବା ପୋଲିସ ଠାରୁ ସୁଚନା ମିଳିଛି ।

## ପାଟି ତୁଣ୍ଡ ଭିତରେ ସରିଲା ଗ୍ରାମସଭା,ମେଡିକାଲ ଘର ଜାଗା ଚିହ୍ନଟକୁ ନେଇ କଷ୍ଟା ପଞ୍ଚାୟତରେ ବିବାଦ

ମୋରଡା,୫ ।୬:(ମନ୍ଥନ)ପାଟି ତୁଣ୍ଡ ଭିତରେ ସରିଲା ଗ୍ରାମସଭା,ମେଡିକାଲ ଘର ଜାଗା ଚିହ୍ନଟକୁ ନେଇ କଷ୍ଟା ପଞ୍ଚାୟତରେ ବିବାଦ । ଜଙ୍ଗଲ ଜମିରେ ଗଛ କାଟି ନିର୍ମାଣକୁ ବିରୋଧ,ସରକାରୀ ପଡିଆ। ଜମିରେ ମେଡିକାଲ ଘର ଦାବି କଲେ ଲୋକେୟ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ କଷ୍ଟା ପଞ୍ଚାୟତରେ ନୂତନ ମେଡିକାଲ ଘର ପାଇଁ ଜାଗା ଚିହ୍ନଟ କରିବାକୁ ଆୟୋଜିତ ଗ୍ରାମସଭା ପାଟି ତୁଣ୍ଡ ଭିତରେ ସରିଛି। ଜାଗା ଚିହ୍ନଟକୁ ନେଇ ଆରମ୍ଭରୁ ବିବାଦ ଦେଖାଦେବାରୁ ସଭା ନିଷ୍ପତ୍ତି ବିନା ସରିଥିଲା । ସୂଚନା ଅନୁଯାୟୀ, ପ୍ରଶାସନ ପକ୍ଷରୁ କଷ୍ଟା ପଞ୍ଚାୟତର ଏକ ଜଙ୍ଗଲ ଜମିରେ ନୂତନ ମେଡିକାଲ ଘର ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଇଥିଲା । ହେଲେ ଗ୍ରାମସଭା ଆରମ୍ଭ ହେବା ମାତ୍ରେ ସ୍ଥାନୀୟ ଲୋକେ ଏହି ପ୍ରସ୍ତାବକୁ ଜୋରଦାର ବିରୋଧ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ, ପ୍ରସ୍ତାବିତ ଜାଗାରେ ବଡ଼ ବଡ଼ ଗଛ ରହିଛି । ମେଡିକାଲ ଘର ନିର୍ମାଣ ପାଇଁ ଏହି ଗଛ କାଟିବା ପଡ଼ିବ, ଯାହା ପରିବେଶ ପାଇଁ କ୍ଷତିକାରକ ହେବ । ସେମାନେ କହିଛନ୍ତି, ପଞ୍ଚାୟତରେ ଯେଉଁଠି ସରକାରୀ ପଡିଆ। ଜମି ରହିଛି, ସେହି ସ୍ଥାନରେ ହିଁ ମେଡିକାଲ ଘର ତିଆରି କରାଯାଉ । ଏଥିପାଇଁ ଲୋକେ ସଭାରେ ଜୋରଦାର ଦାବି ଉଠାଇଥିଲେ । ଉଭୟ ପକ୍ଷ ମଧ୍ୟରେ ବଚସା ବଢ଼ିବାରୁ ଗ୍ରାମସଭାରେ କୌଣସି ନିଷ୍ପତ୍ତି ହୋଇପାରିଲା ନାହିଁ । ଫଳରେ ଅନିଶ୍ଚିତା ମଧ୍ୟରେ ରହିଛି ମେଡିକାଲ ଘର ଭବିଷ୍ୟତ । ଏହି ଗ୍ରାମସଭାରେ ଶୁଳିଆପଦା ତହସିଲଦାର ନାରାୟଣ ହେମ୍ବ୍ରମ,ବିଡ଼ିଓ ଲକ୍ଷ୍ମୀ ସାଗର ମାଝୀ,ପୋଲିସ ପ୍ରଶାସନ,ମେଡ଼ିକାଲ କର୍ତ୍ତୃପକ୍ଷ,ସରପଞ୍ଚ ସମେତ ଶତାଧିକ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ କୁହାଯାଇଛି, ଲୋକଙ୍କ ମତାମତକୁ ଧ୍ୟାନରେ ରଖି ଆଗାମୀ ଦିନରେ ପୁଣି ଆଲୋଚନା କରି ନିଷ୍ପତ୍ତି ନିଆଯିବ ।

## ବିଶ୍ୱ ପରିବେଶ ଦିବସରେ ଚିତ୍ରକୋଣ୍ଡାର ଅଭିନବ ପଦକ୍ଷେପ, ଟ୍ରେକିଂ ସହ ହେବ ଔଷଧୀୟ ବୃକ୍ଷରୋପଣ

ମାଲକାନଗିରି, ୫ ।୬:(ମନ୍ଥନ)ବିଶ୍ୱ ପରିବେଶ ଦିବସ ଅବସରରେ ଚିତ୍ରକୋଣ୍ଡାରୁ ଆସିଛି ଏକ ସକାରାତ୍ମକ ଓ ପ୍ରେରଣାଦାୟକ ଖବରୟ ପ୍ରକୃତି ସୁରକ୍ଷାକୁ ଜନଆନ୍ଦୋଳନର ରୂପ ଦେବା ସହ ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାକୁ ଆଗକୁ ନେବା ପାଇଁ ବନ ବିଭାଗ ପକ୍ଷରୁ ଏକ ନିଆରା ଅଭିଯାନର ଶୁଭାରମ୍ଭ କରାଯାଇଛି । ଚିତ୍ରକୋଣ୍ଡାର ମାଗାଜିନ୍ ଛକରୁ ଦୋରାଘାଟ ଆଲମ୍ବାକା ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଦୀର୍ଘ ପାହାଡ଼ିଆ। ପଥକୁ ନେଇ ଆରମ୍ଭ ହୋଇଛି ଏକ ସ୍ୱତନ୍ତ୍ର ଟ୍ରେକିଂ ଅଭିଯାନୟ ସବୁଜ ବନାନୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ପଥ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ପାଇଁ ଏକ



ନୂତନ ଆକର୍ଷଣ ପାଲଟିବ ବୋଲି ଆଶା କରାଯାଉଛି । ଏହି କାର୍ଯ୍ୟକ୍ରମରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ଥାନୀୟ ଯୁବକ, ପରିବେଶପ୍ରେମୀ ଏବଂ ସାଧାରଣ ଲୋକ ସାମିଲ ହୋଇ ପ୍ରକୃତି ସୁରକ୍ଷାର ସଂକଳ୍ପ ନେଇଥିଲେୟ ପାହାଡ଼ ଚଢ଼ା ସହ ପରିବେଶ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ରହିଛି।ଏହା ସହିତ ଟ୍ରେକିଂ ପଥର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଔଷଧୀୟ ଚାରା ରୋପଣ କରିବାକୁ ଯୋଜନା ରହିଛି । ଏହି ବୃକ୍ଷଗୁଡ଼ିକ କେବଳ ପରିବେଶକୁ ସବୁଜ କରିବ ନାହିଁ, ବରଂ ଆଗାମୀ ଦିନରେ ପର୍ଯ୍ୟଟକମାନଙ୍କୁ ଔଷଧୀୟ ଉଦ୍ଭିଦ ସମ୍ପର୍କରେ ଜ୍ଞାନ ଦେବାରେ ମଧ୍ୟ ସହାୟକ ହେବ। ଚିତ୍ରକୋଣ୍ଡାର ଏହି ଅଭିନବ ପଦକ୍ଷେପ ପରିବେଶ ସଂରକ୍ଷଣ ଓ ଇକୋ-ଟୁରିଜିମ୍ ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସ୍ଥାନୀୟ ମହଲରେ ଆଶା ପ୍ରକାଶ ପାଇଛି ।

## ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ରହ୍ମପୁର,୫ ।୬:(ମନ୍ଥନ)ବିଶ୍ୱ ପରିବେଶ ଦିବସ ଅବସରରେ ଆଜି ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମ ପକ୍ଷରୁ ଏକ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିଲ୍ଲା ଓ ଦୌରା ଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ବିବସ୍ୱତ ଗୌତମ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ଆବଶ୍ୟକତା ଓ ସବୁଜ ପରିବେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକ ପାତ କରିଥିଲେ । ଶ୍ରୀ ଗୌତମ ନିଜେ ବୃକ୍ଷ ରୋପଣର ଶୁଭାରମ୍ଭ କରି କହିଥିଲେ ଯେ, 'ବୃକ୍ଷ ରୋପଣ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବାର ସାମୂହିକ ଦାୟିତ୍ୱ । ସେ ଆହୁରି ମଧ୍ୟ କହିଥିଲେ ଯେ, 'ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି, ଏହାର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୃକ୍ଷ ରୋପଣ ସହ ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ ବୋଲି



କହିଥିଲେ' । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ, ସିଭିଲ କୋର୍ଟ, ବ୍ରହ୍ମପୁରର ବିଚାରକ ଓ ଅଧିକାରୀ, ବନ ବିଭାଗର ଅଧିକାରୀ, ଡିଏଲଏସଏ ଏବଂ କୋର୍ଟ କର୍ମଚାରୀ ମାନେ ଯୋଗଦେଇ ବିଭିନ୍ନ ଫଳ ଓ ଫୁଲ ଗଛର ଚାରା ରୋପଣ କରିଥିଲେ । ଏହି ଅବସରରେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ଚାରା ଗୁଡ଼ିକୁ କୋର୍ଟ ପରିସରର ବିଭିନ୍ନ ସ୍ଥାନରେ ରୋପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ସଚେତନ ରହିବା ଓ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ସଚିବ ଶ୍ରୀ ନାୟକ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ବୁଗୁଡ଼ା ବ୍ଲକ ଓ ଏନ୍ଏସିରେ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ

ବୁଗୁଡା, ୫ ।୬:(ମନ୍ଥନ)ବୁଗୁଡ଼ା ବ୍ଲକରେ ଭୋଟର ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ୧୨୪-ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ବ୍ଲକର ୧୦୩ଟି ଏବଂ ଏନଏସିର ୨୦ଟି ହିସାବରେ ମୋଟ ୧୨୩ଟି ବୁଥରେ ବିଏଲଓ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ , ପରିଗଣନା ଓ ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରଶାସନିକ ସୂଚନା ପ୍ରକାରେ , ଚଳିତ ବର୍ଷର ମେ' ୩୦



ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏହି ସମୟ ମଧ୍ୟରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଏବଂ ତ୍ରୁଟି ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ । ଏ ପରିପ୍ରେକ୍ଷୀରେ ଗୋଳିଆ। ଗ୍ରାମରେ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନଙ୍କ ସମେତ ସୁପରଭାଇଜର ସୁନିତା ପାଣିଗ୍ରାହୀ, ବିଏଲଓ ଲଳିତା ପରିଡା , ଅଙ୍ଗନୱାଡି କର୍ମୀ ଗୋଲାପ ପ୍ରଧାନ, ସହାୟିକା କୁନି ସାହୁଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଆରମ୍ଭ ହୋଇଥିବା ଏନ୍ଏସିରେ ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସୁପରଭାଇଜର କିରଣ ବାଳା ତ୍ରିପାଠୀ, ବିଏଲଓ ସନ୍ଧ୍ୟାରାଣୀ ନାୟକ ଉପସ୍ଥିତିରେ ଆରମ୍ଭ ହୋଇଥିବା ଜଣାଯାଇଛି । ଗଣତନ୍ତ୍ରର ଏହି ସାମ୍ବିଧାନିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତ ଯୋଗ୍ୟ ମତଦାତା ସଚେତନ ହୋଇ ନିଜ ନିଜ ଅଞ୍ଚଳର ବିଏଲ୍ଓଙ୍କୁ ଆବଶ୍ୟକୀୟ ସୂଚନା ଓ ସଠିକ୍ ତଥ୍ୟ ପ୍ରଦାନ ପୂର୍ବକ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

## ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ବ୍ରିକ୍ସ୍ ପରିନିଧି ମଣ୍ଡଳୀ

କୋଣାର୍କ, ୫ ।୬:(ମନ୍ଥନ) ପୁରୀ ଠାରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଥିବା ବିଭିନ୍ନ ଦେଶର ପ୍ରତିନିଧି ମଣ୍ଡଳୀ ଗୁରୁବାର ଅପରାହ୍ନରେ କୋଣାର୍କ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ଓ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଥିବା ଜଣାପଡିଛି । ସୂଚନାରୁ ଜଣାପଡ଼େକି ଗୁରୁବାର ଅପରାହ୍ନରେ ଋଷ,ଭାରତ, ଚୀନ, ବ୍ରାଜିଲ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ। ଆଦି ଦେଶର ପ୍ରତିନିଧି କୋଣାର୍କ ଏଠାରେ ପହଂଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ସମସ୍ତ ବିଦେଶୀ



ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟ ମନ୍ଦିର ବୁଲି ଦେଖିବା ସହ ମନ୍ଦିର ସମ୍ପର୍କରେ ଟିକିନିଖି ପଚାରି ବୁଝିଥିଲେ । ସ୍ୱୀକୃତିପ୍ରାପ୍ତ ଗାଇଡ ବିଶେଶ୍ୱର ଦାଶ, ପ୍ରଦୀପ୍ତ ମଲ୍ଲ, ଆଭାସ ମହାନ୍ତି ସୂର୍ଯ୍ୟ ମନ୍ଦିର ଇତିହାସ ସମ୍ପର୍କରେ ବୁଝାଇଥିଲେ । ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ । ଏହି ପ୍ରତିନିଧି ମଣ୍ଡଳୀଙ୍କ ସହିତ ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ଉପ ଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ଧାୟତ, ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢୀ, ଜିଲ୍ଲା ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିଆରୀ, ରାମଚଣ୍ଡୀ ଓ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ଆଞ୍ଚଳିକ ଇତିହାସ ସଂରକ୍ଷଣ ଦିଗରେ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ପଦକ୍ଷେପ

ଫୁଲନଖରା,୫ ।୬:(ମନ୍ଥନ)କଟକ ସଦର ବୟାଳିଶମୌଜା ଅଞ୍ଚଳର ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସୁଦର୍ଶନ ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଅଗ୍ରଣୀ ସାମାଜିକ ସଂଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ, ପଟଣା ପକ୍ଷରୁ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସ୍ଥାନୀୟ ଇତିହାସ, ସ୍ୱାଧୀନତା ସଂଗ୍ରାମ ଏବଂ ଅଞ୍ଚଳର ମହାନ ସଂଗ୍ରାମୀମାନଙ୍କ ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା । ବୟାଳିଶମୌଜା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନୀଲ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼. ଅମରେଶ ସାହୁ, ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପିକା ତୃପ୍ତି ଦାସ, ପ୍ରତିଷ୍ଠାନର ସଂଗଠନ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି, ବିଶିଷ୍ଟ ଶିଳ୍ପୀ ଉପେନ୍ଦ୍ର ବାରିକଙ୍କ ସମେତ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ଜାତୀୟ ସ୍ତରର ନେତାମାନଙ୍କ ଅବଦାନରେ ସୀମିତ ନଥିଲା; ଗ୍ରାମାଞ୍ଚଳ ଓ ଆଞ୍ଚଳିକ ସ୍ତରରେ ଅନେକ ଅଜଣା ଓ ଅବହେଳିତ ସଂଗ୍ରାମୀ ନିଜ ଜୀବନକୁ ଦେଶମାତୃକା ପାଇଁ ଉତ୍ସର୍ଗ କରିଥିଲେୟ ସେମାନଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମ ସ୍ୱାଧୀନତାର ବହ୍ନିକୁ ଜନମାନସରେ ପ୍ରଜ୍ୱଳିତ କରିଥିଲା । କିନ୍ତୁ ଦୁଃଖର ବିଷୟ, ସେହି ମହାନ ବ୍ୟକ୍ତିବିଶେଷମାନଙ୍କ ଅନେକଙ୍କୁ ଆଜି



ପର୍ଯ୍ୟନ୍ତ ଜାତୀୟ ସ୍ତରରେ ଯଥୋଚିତ ସମ୍ମାନ ଓ ସ୍ୱୀକୃତି ମିଳିପାରିନାହିଁ । ବକ୍ତାମାନେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇ କହିଥିଲେ ଯେ, ଇତିହାସର ଏହି ଅମୂଲ୍ୟ ଅଧ୍ୟାୟଗୁଡ଼ିକୁ କେବଳ ପାଠ୍ୟପୁସ୍ତକରେ ସୀମିତ ନ ରଖି, ସେହି ମହାନ ସଂଗ୍ରାମୀମାନଙ୍କ ଜୀବନୀ, କାର୍ଯ୍ୟାବଳୀ ଓ ଆଦର୍ଶକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବା ଆବଶ୍ୟକୟ ଏହାଦ୍ୱାରା ଯୁବପିଢ଼ି ଦେଶପ୍ରେମ, ସମାଜସେବା ଓ ନୈତିକ ମୂଲ୍ୟବୋଧ ପ୍ରତି ଅଧିକ ସଚେତନ ହୋଇପାରିବେ । କାର୍ଯ୍ୟକ୍ରମରେ ବୟାଳିଶମୌଜା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧନଞ୍ଜୟ ମହାନ୍ତି, ପ୍ରତିନିଧି ମହାନ୍ତି, ଶ୍ରୀଧର ଦଳେଇ ଓ ପ୍ରହ୍ଲାଦ ନାୟକଙ୍କ ଜୀବନ ସଂଘର୍ଷ, ସ୍ୱାଧୀନତା ଆନ୍ଦୋଳନରେ ସେମାନଙ୍କ ଭୂମିକା ଏବଂ ସାମାଜିକ ଅବଦାନ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲାୟ ସେମାନଙ୍କର ଦେଶପ୍ରେମ ଓ ଆତ୍ମବଳିଦାନର ଗାଥା ଶୁଣି ଉପସ୍ଥିତ ଛାତ୍ରଛାତ୍ରୀମାନେ ପ୍ରେରିତ ହୋଇଥିଲେ । ଏହି ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ମାଧ୍ୟମରେ ଆଞ୍ଚଳିକ ଇତିହାସର ସଂରକ୍ଷଣ, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନର ପ୍ରଚାର ଓ ଯୁବପିଢ଼ିଙ୍କ ମଧ୍ୟରେ ଐତିହାସିକ ଚେତନାର ବିକାଶ ନେଇ ଗୁରୁତ୍ୱାରୋପ କରାଯାଇଥିଲା । ଶେଷରେ ବିଶିଷ୍ଟ ଶିକ୍ଷାବିତ ସରୋଜ ନଳିନୀ ପରିଜା ଧନ୍ୟବାଦ ଅର୍ପଣ କରି ସଭାର ସମାପ୍ତି ଘୋଷଣା କରିଥିଲେ ।

## କୋଇଡାରେ ପେନ୍ସନ୍ ଟଙ୍କାକୁ ଚାହିଁ ବସିଛନ୍ତି ହିତାଧିକାରୀ

କୋଇଡା, ୫ ।୬:(ମନ୍ଥନ) ଏହି ଟଙ୍କା ହିଁ ଆମର ଏକମାତ୍ର ଭରସା, ଏହା ନମିଳିଲେ ଆମେ ଚଳିବୁ କେମିତି ? - ଏପରି ଏକ ଆକୁଳ ଆବେଦନ ଏବେ ଶୁଣିବାକୁ ମିଳୁଛି । କୋଇଡା ବ୍ଲକର ଶତାଧିକ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କ ମୁଖରୁ । ଗତ ଏପ୍ରିଲ ମାସଠାରୁ ସାମାଜିକ ସୁରକ୍ଷା ପେନ୍ସନ୍ ବଣ୍ଟନରେ ଅହେତୁକ ବିଳମ୍ବ ହେବା ଯୋଗୁଁ ସ୍ଥାନୀୟ ଅଞ୍ଚଳର ଗରିବ ଓ ଅସହାୟ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ ଦୈନନ୍ଦିନ ଜୀବନଯାତ୍ରା ବ୍ୟାପକ ଭାବେ ପ୍ରଭାବିତ ହୋଇଛି ।ସେମାନଙ୍କୁ ଏହା ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। କୋଇଡା ବ୍ଲକ ରେ ମୋଟ ୭,୫୧୯ ଜଣ ସାମାଜିକ ସୁରକ୍ଷା ପେନ୍ସନ୍ ହିତାଧିକାରୀ ରହିଛନ୍ତି । ସେଥିମଧ୍ୟରୁ ମଧୁବାବୁ ପେନ୍ସନ୍ ଯୋଜନା ଅଧୀନରେ ୪,୭୫୧ ଜଣ,ଇନ୍ଦିରା ଗାନ୍ଧୀ ଜାତୀୟ ବୃଦ୍ଧାଭତ୍ତା ଯୋଜନା ରେ ୨,୨୩୦ ଜଣ, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ରେ ୪୪୭ ଜଣ ଏବଂ ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ଭତ୍ତା ଯୋଜନା ରେ ୯୧ ଜଣ ଅଛନ୍ତି । ଏଥିମଧ୍ୟରୁ ମୋଟ ୨,୭୬୮ ଜଣ ହିତାଧିକାରୀ ବ୍ୟାଙ୍କ ମାଧ୍ୟମରେ ପେନ୍ସନ୍ ପାଉଛନ୍ତି। କୋଇଡା ର ୧୫ଟି ଗ୍ରାମ ପଞ୍ଚାୟତ ଅନୁଯାଇ ବିମଳାଗଡ଼ ୩୫୬,ଚୋରଧାରା ୫୨୦,ଡେଙ୍ଗୁଲା ୪୩୮, ଗୈପନ। ୫୯୯,ଜାମୁଡିହି୪୬୫,କେବଲଙ୍ଗ ୭୯୭,କାଲଟା୬୧୯, କାଶିରା୨୪୦, କୋଇଡା୭୭୪,ମାଲଦା୪୭୦, ପାଟମୁଣ୍ଡା୬୬୪, ରେଲହାତୁ ୩୬୬,ସନରକ୍ସି ୪୨୫,ସୋୟାମ୍ବା ୫୩୫,ଟେନସକ୍ଷ୨୫୧ ଭତ୍ତାଧାରୀ ଅଛନ୍ତି । ଅନଲାଇନ ମାଧ୍ୟମରେ ଠିକ୍ ସମୟରେ ପେମେଣ୍ଟ ଆସୁନଥିବାରୁ ବିଶେଷ କରି ଉପାନ୍ତ ଅଞ୍ଚଳରେ ରହୁଥିବା ଭତ୍ତାଧାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ୟାଙ୍କରେ ଭେଟ ହୋଇଥିବା ଜଣେ ବୃଦ୍ଧ ହିତାଧିକାରୀ ନିଜର ଦୁଃଖ ପ୍ରକାଶ କରି କହିଛନ୍ତି, ଏହି ପେନ୍ସନ୍ ଟଙ୍କାରେ ହିଁ ଆମର ଔଷଧ, ରାସନ୍ ଓ ଦୈନନ୍ଦିନ ଖର୍ଚ୍ଚ ଚାଲେ । ବ୍ୟାଙ୍କ ଖାତାକୁ ଟଙ୍କା ନ ମିଳିବାରୁ ଆମେ ବହୁତ ଅସୁବିଧାରେ ଚଳୁଛୁ। ଏହି ବିଳମ୍ବ ସମ୍ପର୍କରେ ସରକାରୀ ସ୍ତରରେ ପଚାରିବାରୁ, ଏହାକୁ ଏକ ପ୍ରାଯୁକ୍ତିକ ତ୍ରୁଟି ଏବଂ ତଥ୍ୟ ଅଦ୍ୟତନ ପ୍ରକ୍ରିୟା ସହ ଜଡିତ ସମସ୍ୟା ବୋଲି କହୁଛନ୍ତି । କିନ୍ତୁ ପ୍ରଶାସନର ଏହି କାଗଜୀ ବ୍ୟାଖ୍ୟାରେ ହିତାଧିକାରୀମାନେ ଆଦୌ ସନ୍ତୁଷ୍ଟ ନୁହନ୍ତି। ଏହି ପେନ୍ସନ୍ କେବଳ କିଛି ଟଙ୍କା ନୁହେଁ, ବରଂ ଅନେକ ଅସହାୟ ପରିବାର ପାଇଁ ଜୀବନରେଖା ସଦୃଶ ।ଏପରି ସ୍ଥିତିରେ କୋଇଡା ବ୍ଲକର ପ୍ରଭାବିତ ହିତାଧିକାରୀଙ୍କୁ ଶୀଘ୍ର ବକେୟା ପେନ୍ସନ/ଭତ୍ତା ପ୍ରଦାନ କରିବା ସହ ଏହି ସମସ୍ୟାର ସମାଧାନ ପାଇଁ ସରକାର ଓ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଜନସାଧାରଣ ତରଫରୁ ଅନୁରୋଧ ହେଉଛି ।

### ୨୦ ହଜାର ଦର୍ଶକଙ୍କ ସାକ୍ଷୀରେ ରୋମାଞ୍ଚକର ବିଜୟ

## ଫାଲକନ ହାତେ ଅନ୍ତଃରାଜ୍ୟ କ୍ରିକେଟ୍ ଚାମ୍ପିଅନ୍ ଟ୍ରଫି

ମାଲକାନଗିରି, ୫ ।୬:(ମନ୍ଥନ)ଡ଼. ଆମ୍ବେଦକର ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ୧୭ତମ ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରୋମାଞ୍ଚକର ଫାଇନାଲ ମୁକାବିଲାରେ ଫାଲକନ ଦଳ ବିଜୟୀ ହୋଇ ଚାମ୍ପିଅନ୍ ଟ୍ରଫି ହାସଲ କରିଛି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ୧୬ଟି ଶକ୍ତିଶାଳୀ ଦଳକୁ ନେଇ ଗତ ମେ ୧୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଦର୍ଶକଙ୍କୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରୋମାଞ୍ଚିତ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ୧୭ତମ ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ମାଲକାନଗିରି ବିଧାନସଭା କ୍ଷେତ୍ରର ବିଧାୟକ ନରସିଂହ ମାଡକାମୀଙ୍କ ନିଜ ଜନ୍ମଗ୍ରାମ ପେଡାକୁଣ୍ଡାଠାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ନେଇ ଅଞ୍ଚଳରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା ଏବଂ ହଜାର ହଜାର କ୍ରୀଡ଼ାପ୍ରେମୀ ମ୍ୟାଚ୍ ଉପଭୋଗ କରିଥିଲେ । ସମାଜସେବୀ ଉତ୍ତମ ଓଝାଙ୍କ ଜନ୍ମଦିନ ଅବସରରେ ଆୟୋଜିତ ଏହି କ୍ରୀଡ଼ା ମହାକୁମ୍ଭର ଶେଷ ଦିବସରେ ଜିଲ୍ଲାପାଳ,



ଆରକ୍ଷୀ ଅଧୀକ୍ଷକ, ବିଧାୟକ ତଥା ଜିଲ୍ଲା ପ୍ଲାନିଂ ବୋର୍ଡର ସଭାପତିଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ରହିଥିଲେ । ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ପ୍ରାୟ ୨୦ ହଜାରରୁ ଅଧିକ ଦର୍ଶକ ଗ୍ୟାଲେରୀ ଓ ପଡ଼ିଆ। ଚାରିପାଖରେ ଭିଡ଼ ଜମାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫାଇନାଲ ମ୍ୟାଚ୍ରେ ସ୍ଲୋ-ପଏଜନ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୬ ଓଭରରେ ୨୦୩ ରନ୍ର ବିଶାଳ ସ୍କୋର ଛିଡ଼ାଇଥିଲା। ଏହାର ଜବାବରେ ଫାଲକନ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ୧୫ ଓଭର ୨ ବଲରେ ୨୦୪ ରନ୍ ସଂଗ୍ରହ କରି ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା। ଫାଲକନ ଦଳର ବ୍ୟାଟ୍ସମ୍ୟାନମାନଙ୍କ ଚମତ୍କାର ପ୍ରଦର୍ଶନ ଏବଂ ଚାପ ମଧ୍ୟରେ ଖେଳିବାର ଦକ୍ଷତା ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ଟୁର୍ଣ୍ଣାମେଣ୍ଟର ବିଜେତା ଫାଲକନ ଦଳକୁ ୮୧ ହଜାର ଟଙ୍କା ନଗଦ ପୁରସ୍କାର ସହ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ-ଅପ୍ ସ୍ଲୋ-ପଏଜନ ଦଳକୁ ୬୧ ହଜାର ଟଙ୍କା ପୁରସ୍କାର ଦିଆଯାଇଥିଲା । ଗତ ୧୭ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଆୟୋଜିତ ହେଉଥିବା ଏହି ଅନ୍ତଃରାଜ୍ୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅଞ୍ଚଳରେ କ୍ରୀଡ଼ା ପ୍ରତିଭା ବିକାଶ ଏବଂ ଭ୍ରାତୃତ୍ୱର ବାର୍ତ୍ତା ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଏହି ଟୁର୍ଣ୍ଣାମେଣ୍ଟକୁ ଶୀତ ଋତୁରେ ଆୟୋଜନ କରିବା ପାଇଁ କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ମତ ପ୍ରକାଶ କରିଛନ୍ତି।

## ପ୍ଲାନେଟୋରିୟମ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନକୁ ୫ମାସ

### ଡିପିଆରରେ ଅଟକିଛି ପ୍ରକଳ୍ପର ଭାଗ୍ୟ

ଖଣ୍ଡପଡ଼ା,୫ ।୬:(ମନ୍ଥନ)ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବା ପରେ ପ୍ଲାନେଟୋରିୟମ ପାଇଁଶେଷରେ ବିଜ୍ଞାନ ଓ କାରିଗରୀ ବିଭାଗର ନିଦ ଭାଙ୍ଗିଥିଲା । ତେବେ ଗତବର୍ଷ ଡିସେମ୍ବର ୩୦ ତାରିଖଶିଳାନ୍ୟାସକୁ ପ୍ରାୟ ୨ ମାସ ବିତିଥିବା ବେଳେ ମାଟି ମୁଠାଏ ମଧ୍ୟ ପଡିନଥିବା ଦେଖିବାକୁ ମିଳିଛି । ଫଳରେପ୍ରକଳ୍ପର ଭାଗ୍ୟ ଝୁଲୁଥିବା ନେଇ ସହରାଞ୍ଚଳରେ ମତପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀଖଣ୍ଡପଡ଼ା ସହରାଞ୍ଚଳରେ ପ୍ରାୟ ୭ ବର୍ଷ ତଳେ ୬ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ଏକବିଜ୍ଞାନକେନ୍ଦ୍ର ପାଇଁ ଶିଳାନ୍ୟାସ କରାଯାଇଥିଲା । ମାତ୍ର ଦିନ ଗଡିବା ସହିତ ଏହି ପ୍ରକଳ୍ପ ଝୁଲିରହିଥିଲା । ତେବେ ଗତବର୍ଷ ୩୦ଡିସେମ୍ବରରେ ସହରାଞ୍ଚଳ ଅଧୀନ ଉମାଦେବୀ ସାହି ନିକଟରେ ନୂତନ ଭାବେ ପଠାଣିସାମନ୍ତ ପ୍ଲାନେଟୋରିୟମ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ପ୍ରାୟ ୨୯ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ଲାନେଟୋରିୟମ ଓ ବିଜ୍ଞାନ କେନ୍ଦ୍ର ପିଲାମାନଙ୍କ ମଧ୍ୟରେବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ୫ ମାସ ତଳେଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଏହି ପ୍ରକଳ୍ପ ପାଇଁ ୨୯ କୋଟି ଟଙ୍କାର ଡିପିଆର ରାଜ୍ୟସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ଯାଇଥିବା ବେଳେ ଏଯାବତ ଏ ଦିଗରେ ବିଶେଷ ଅଗ୍ରଗତିହୋଇନଥିବା ସୂଚନା ମିଳିଛି ।ବିଶେଷକରି ବିଦ୍ୟୁତ ଯୋଗାଣ କରୁଥିବା ଘରୋଇ ସଂସ୍ଥା ଟାଟା ପାୱାରପକ୍ଷରୁ ଏଷ୍ଟିମେଟ ଦେଇନଥିବା ଯୋଗୁଁ ପ୍ରକଳ୍ପ ଡିପିଆର ଫାଇନାଲ ହୋଇପାରୁନଥିବା ମଧ୍ୟ ସୂଚନାମିଳିଛି । ଫଳରେ ପ୍ରକଳ୍ପ ନିମନ୍ତେ କେବେ ଅର୍ଥ ମଞ୍ଜୁର ସହ ଟେଣ୍ଡର ହେବ ଏବଂ କାମ ଆରମ୍ଭ ହେବତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଜିଲ୍ଲା ବାସୀଙ୍କୁ ୭ ବର୍ଷ ପରେ ପୁଣିଥରେ ବିଜ୍ଞାନ ଓ କାରିଗରୀ ବିଭାଗ ଭଣ୍ଡାଇବ କି ବୋଲି ମତପ୍ରକାଶ ପାଇଛି। ଗୁରୁତ୍ୱପୂର୍ଣ୍ଣ କଥାହେଉଛି ବିଜ୍ଞାନ କେନ୍ଦ୍ରରୁ ପ୍ଲାନେଟୋରିୟମକୁ ପରିବର୍ତ୍ତିତ ହୋଇଥିବା ଜିଲ୍ଲାର ଏହି ଏକମାତ୍ରପ୍ରକଳ୍ପ କେବେ ଛାତ୍ରଛାତ୍ରୀଙ୍କ କାମରେ ଆସୁଛି ତାହା ଦେଖିବାକୁ ବାକିରହିଥିବା ନିର୍ବାଚିତଜନପ୍ରତିନିଧି କୁହନ୍ତି । ଜିଲ୍ଲା ପ୍ରଶାସନ ପ୍ରକଳ୍ପ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁସହରାଞ୍ଚଳ ବାସିନ୍ଦା ଦାବି କରିଛନ୍ତି।

ଶନିବାର ୦୬, ଜୁନ୍ ୨୦୨୬, ଭୁବନେଶ୍ୱର
Saturday, 06June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନକଲି ସାର୍ଟିଫିକେଟ

ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଅଧ୍ୟକ୍ଷଙ୍କ ଏକ ସାଂଘାତିକ ତଥା ଚାଂଚଲ୍ୟକର ବୟାନ ସମଗ୍ର ଦେଶର ଆଇନ ବ୍ୟବସ୍ଥା ଓ ନ୍ୟାୟିକ ପ୍ରକ୍ରିୟା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେଉଁଥିରେ ସେ ଦର୍ଶାଇଛନ୍ତି ଯେ ଦେଶରେ ପ୍ରାୟ ୪୦ ପ୍ରତିଶତ ଓକିଲ ଜାଲ୍ କିମ୍ବା ନକଲି ପ୍ରମାଣପତ୍ର ଆଧାରରେ ଓକିଲାତି କରୁଛନ୍ତି ଏବଂ ଏହି ଘଟଣା ସାମ୍ନାକୁ ଆସିବା ପରେ ସାଧାରଣ ଜନତାଙ୍କ ମନରେ ନ୍ୟାୟିକ ବ୍ୟବସ୍ଥା ପ୍ରତି ଥିବା ବିଶ୍ୱାସ ଦୋହଲି ଯାଇଛି କାରଣ ଆଇନଜୀବୀମାନେ ହେଉଛନ୍ତି ସମାଜର ସେହି ସ୍ତମ୍ଭ ଯେଉଁମାନେ ଶୋଷିତ ଓ ନିଷ୍ପେସିତ ଲୋକଙ୍କୁ ନ୍ୟାୟ୍ୟ ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ମାତ୍ର ଯଦି ଏହି ବୃତିରେ ପ୍ରବେଶ କରିଥିବା ପ୍ରାୟ ଅଧାଅଧି ବ୍ୟକ୍ତି ଜାଲ୍ ଯୋଗ୍ୟତା ପ୍ରମାଣପତ୍ର ବ୍ୟବହାର କରି କୋର୍ଟ ପରିସରକୁ ଆସିଛନ୍ତି ତେବେ ତାହା କେବଳ ଆଇନ ବୃତିର ଗାରିମାକୁ ନଷ୍ଟ କରୁନାହିଁ ବରଂ ସମଗ୍ର ସାମ୍ବିଧାନିକ ବ୍ୟବସ୍ଥା ପାଇଁ ଏକ ବଡ ବିପଦ ସଦୃଶ ହୋଇଛି ଏବଂ ଏହି ସମସ୍ୟାର ଚେର କେତେ ଗଭୀରକୁ ଯାଇଛି ତାହା ଅନୁଧ୍ୟାନ କଲେ ଜଣାପଡେ ଯେ ବିଗତ କିଛି ଦଶନ୍ଧି ମଧ୍ୟରେ ଦେଶରେ ବେଆଇନ ତଥା ଅଣ-ମାନ୍ୟତାପ୍ରାପ୍ତ ଲ' କଲେଜଗୁଡିକର ସଂଖ୍ୟା ବୃଦ୍ଧି ପାଇଛି ଯେଉଁଠାରେ ବିନା ଶିକ୍ଷାଦାନରେ କେବଳ ଅର୍ଥ ବଳରେ ଡିଗ୍ରୀ ବଂଟନ କରାଯାଉଛି ଓ ଏହିପରି ଭାବେ ଉତୀର୍ଣ୍ଣ ହେଉଥିବା ଛାତ୍ରମାନେ ଆଇନର ପ୍ରାଥମିକ ଜ୍ଞାନ ନଥାଇ ମଧ୍ୟ ଓକିଲାତି ସନନ୍ଦ ହାସଲ କରିବାରେ ସଫଳ ହେଉଛନ୍ତି ଯାହାକୁ ରୋକିବା ପାଇଁ ବାର୍ କାଉନସିଲ୍ ବର୍ତମାନ ସମଗ୍ର ଦେଶରେ ସମସ୍ତ ଓକିଲମାନଙ୍କର ପ୍ରମାଣପତ୍ର ଯାଂଚ କରିବା ପ୍ରକ୍ରିୟାକୁ କଡାକଡି କରିବାକୁ ନିଷ୍ପତି ନେଇଛି ମାତ୍ର ଏହି ଯାଂଚ ପ୍ରକ୍ରିୟା ମଧ୍ୟ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି କାରଣ ଲକ୍ଷ ଲକ୍ଷ ଓକିଲଙ୍କର ଦସ୍ତାବିଜ୍ ବିଶ୍ୱବିଦ୍ୟାଳୟ ସ୍ତରରେ ଯାଂଚ କରିବା ଏକ ଦୀର୍ଘକାଳୀନ ଓ ଜଟିଳ ପ୍ରକ୍ରିୟା ଅଟେ ଏବଂ ଏଥିପାଇଁ ବିଭିନ୍ନ ରାଜ୍ୟ ବାର୍ କାଉନସିଲ ମଧ୍ୟରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି ଯାହାଦ୍ୱାରା ପ୍ରକୃତ ଦୋଷୀମାନଙ୍କୁ ଚିହ୍ନଟ କରିବାରେ ବିଳମ୍ବ ଘଟୁଛି ଓ ଏହି ସମୟ ମଧ୍ୟରେ ଅନେକ ଅଯୋଗ୍ୟ ବ୍ୟକ୍ତି କୋର୍ଟରେ ଗରିବ କ୍ଲାଇଂଟ ବା ମହକିଲମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଶୋଷଣ କରିବାରେ ଲାଗିଛନ୍ତି ଯାହା ନିଶ୍ଚିତ ଭାବେ ଏକ ଅପରାଧିକ କାର୍ଯ୍ୟ ଅଟେ ଏବଂ ଏହିପରି ଜାଲ୍ ଆଇନଜୀବୀମାନଙ୍କ ଯୋଗୁଁ କୋର୍ଟରେ ମାମଲାଗୁଡିକରେ ସଠିକ୍ ଉପସ୍ଥାପନା ହୋଇପାରୁନାହିଁ ଫଳରେ ଅନେକ ନିର୍ଦ୍ଦୋଶ ବ୍ୟକ୍ତି ନ୍ୟାୟ୍ୟ ପାଇବାରୁ ବଂଚିତ ହେଉଛନ୍ତି କିମ୍ବା ମାମଲା ବର୍ଷ ବର୍ଷ ଧରି ଲଟକି ରହୁଛି ଯାହା ଭାରତୀୟ ନ୍ୟାୟପାଳିକା ଉପରେ ମାମଲାରେ ବୋଝ ବୃଦ୍ଧି କରିବାର ଅନ୍ୟତମ ପ୍ରଧାନ କାରଣ ସାଜିଛି ଏବଂ ଏହି ସମସ୍ୟାର ସମାଧାନ ପାଇଁ କେବଳ ବାର୍ କାଉନସିଲ୍ ଅଧ୍ୟକ୍ଷଙ୍କ ବୟାନ ଯଥେଷ୍ଟ ନୁହେଁ ବରଂ ଏଥିପାଇଁ ସୁପ୍ରିମକୋର୍ଟ ଓ ହାଇକୋର୍ଟଗୁଡିକର ପ୍ରତ୍ୟକ୍ଷ ହସ୍ତକ୍ଷେପ ଆବଶ୍ୟକ ଯେଉଁଠାରେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ତ ଓକିଲଙ୍କ ଡିଗ୍ରୀର ସତ୍ୟାସତ୍ୟ ପରୀକ୍ଷା କରାଯିବ ଏବଂ ଯେଉଁମାନେ ମିଥ୍ୟା ଶପଥପାଠ କିମ୍ବା ଜାଲ୍ ସାର୍ଟିଫିକେଟ୍ ଦେଇ ଆଇନ ବୃତିରେ ଅଛନ୍ତି ସେମାନଙ୍କ ବିରୋଧରେ କେବଳ ସନନ୍ଦ ରଦ୍ଦ ନୁହେଁ ବରଂ କଠୋର ଫୌଜଦାରୀ ମାମଲା ରୁଜୁ କରି ଜେଲ ପଠାଇବାର ବ୍ୟବସ୍ଥା ହେବା ଉଚିତ୍ ତେବେ ଯାଇ ଏହି ମାରାତ୍ମକ ବ୍ୟାଧିକୁ ଆଇନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରାଯାଇପାରିବ ଓ ଆଗାମୀ ଦିନରେ ଅଲ୍ ଇଣ୍ଡିଆ ବାର୍ ଏକ୍‌ଜାମିନେସନ୍ କୁ ଆହୁରି ସ୍ୱଚ୍ଛ ଓ କଠୋର କରିବାକୁ ହେବ ଯଦ୍ୱାରା କୌଣସି ଅଯୋଗ୍ୟ ବ୍ୟକ୍ତି ଏହି ପବିତ୍ର ବୃତିରେ ପ୍ରବେଶ କରିବାକୁ ସାହସ କରିବେ ନାହିଁ ଏବଂ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ସଂସ୍କାର ଆଣି ପ୍ରତିଟି ଆଇନ କଲେଜର ଭିତିଭୂମି ଓ ଶିକ୍ଷାଦାନର ମାନକୁ ନିୟମିତ ବାର୍ କାଉନସିଲ୍ ଦ୍ୱାରା ଅଡିଟ୍ କରାଯିବା ଜରୁରୀ ଅଟେ ଯାହାଫଳରେ ଭବିଖ୍ୟତରେ କେବଳ ପ୍ରତିଭାମାନ ଓ ସାଧୁ ଆଇନଜୀବୀମାନେ ହିଁ କୋର୍ଟର ଗାରିମା ରକ୍ଷା କରିପାରିବେ ଏବଂ ଜନସାଧାରଣଙ୍କ ମନକ୍ଷର ନ୍ୟାୟ୍ୟ ପ୍ରତିଷ୍ଠା ଉପରେ ଥିବା ଆସ୍ଥା ସଦାସର୍ବଦା ଅକ୍ଷୁର୍ଣ୍ଣ ରହିପାରିବ।

# ଠାକୁରେ ହୃଦୟ ଭାଷା ବୁଝନ୍ତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ପୃଥିବୀ ଅନେକ କଥିତ ପୁଣି ତା ଠାରୁ କମ ଲିଖିତ ଭାଷା ଠାରେ ଭାଷା ଆହୁରିକମ। ବାଳୁତ ଶିଶୁଙ୍କ କାନ୍ଦଣା ଏକ ଭାଷା ଏହା ତାର ମାଆର ଠିକ ବୁଝି ପାରନ୍ତି, ମୂକର ଅଙ୍ଗ ଚାଳନା ଠାର ଭାଷା। ଟ୍ରାଫିକ ପୁଲିସ ବାବୁଙ୍କ ହାତ ଠାର ଠପ (ଷ୍ଟପ) ଲେଖାପରି ଆଉ କିଛି ଠାର ଚିହ୍ନକୁ ହୁଇସିଲ ସିଟି ମରା ପଥଚାରୀ ଗାଡ଼ି ଚାଳକଙ୍କ ବୋଧ ଭାଷା, ଭାଷା ତ ନୁହେଁ ନୀରବ ଆଦେଶ। ନେତ୍ରରୁ ଭାଷାସ୍ଫୁରଣ ହୁଏ ପ୍ରେମୀଯୁଗଳ ମଧ୍ୟ ଏହା ସୀମିତ, ହଜାରେ ଗାଇରେ ଅନେକ ବାଛୁରୀ ବୋବେଇଲେ, ଗାଈ ମାନଙ୍କ ମଧ୍ୟରୁ କେବଳ ନିଜ ପିଲାର ଆୱାଜ କେବଳ ତାର ଜନ୍ମ ଦାତ୍ରୀ ମା ଗାଈ ବୁଝେ। ମୋଟର ଗାଡ଼ି ଯାନର ଚାଳକ ଯାନରେ ଥିବା ହେଲ୍ପର, ସାମ୍ନାରୁ ଆସୁଥିବା ଯାନ ଚାଳକ ଏମାନଙ୍କ ବାର୍ତ୍ତାଳାପ କେବଳ ସେହି ମାନେ ହିଁ ବୁଝି ଗାଡ଼ି ଚଳାନ୍ତି, ଟରେ ଟକା ମୋର୍ସ କୋଡରେ ଟେଲିଗ୍ରାମର ପ୍ରେରକ ଗ୍ରାହକ ପୋଷ୍ଟ ଅଫିସର ତତ ଭାରଗ୍ରାହୀ ବାର୍ତ୍ତା ପ୍ରେରକ ଓ ବାର୍ତ୍ତା ଗ୍ରାହକ ମଧ୍ୟରେ ଯୋଗାଯୋଗ ରକ୍ଷା କରୁଥିଲେ, ଟେଲିଫୋନ ଟେଲି ପ୍ରିଣ୍ଟର ଫ୍ୟାକ୍ସ ବାହାରିବାକୁ ଟେଲିଗ୍ରାମର ଇତିଶ୍ରୀ ହେଲା ଯାହା ସାଂକେତିକ ଶବ୍ଦରେ ବୈଦ୍ୟୁତିକ ସ୍ରୋତରେ ଧାତବ ତାର ମାର୍ଫତ କାର୍ଯ୍ୟ ସାଧିତ ହେଉଥିଲା।

ଯୋଗା ଯୋଗ ପାଇଁ ଫାଶ ପୁଣି ଲାଗିଲା, ପବନ ପାଇଁ ଫାଶ, ବନ୍ଧ ନଥିଲା ପରି ଇଲେକ୍ଟ୍ରୋମାଗ୍ନେଟ ତରଙ୍ଗ ରେଡ଼ିଓ ଟେଲିଫୋନର ବିଭିନ୍ନ ତରଙ୍ଗ ଯୋଗାଯୋଗ ପାଇଁ ଏମିତି ଫାଶ ନାହିଁ, ରେଡ଼ିଓ ଓ ଟିଭି ପ୍ରେରକ ଷ୍ଟେସନ ବା କେନ୍ଦ୍ରରୁ ପ୍ରଚାରିତ ବିଭିନ୍ନ ପ୍ରୋଗ୍ରାମ ଦୂରଦୂରାନ୍ତ ରେଡ଼ିଓ ସେଟ ବା ଟିଭି ବା ଆଧୁନିକ ମୋବାଇଲ ଫୋନରେ ଧରି ଶୁଣିବା ହେଉଛି, ଦେଖିବା ଶୁଣିବା ହେଉଛି। ଏଥିପାଇଁ ବିଭିନ୍ନ ରେଡ଼ିଓ ତରଙ୍ଗ ବିଭିନ୍ନ ତରଙ୍ଗର ଏସଡବ୍ଲୁ / ଏମଡବ୍ଲୁ ରେ ଏଏମ୍ / ଏଫଏମ ତରଙ୍ଗ ଠାରୁ ଆହୁରି ତୀବ୍ର ଓ ଆହୁରି ନିମ୍ନ ତରଙ୍ଗ ବ୍ୟବହାର କରାଯାଏ। ପ୍ରତ୍ୟେକ ରାଜ୍ୟ ପୋଲିସ ପ୍ରତ୍ୟେକ ଦେଶ ସେନା ତାଙ୍କର ଯୋଗା ଯୋଗ ପାଇଁ ଭିନ୍ନ ଭିନ୍ନ ରେଡ଼ିଓ ତରଙ୍ଗ କାମରେ ଲଗାନ୍ତି। ଉଗ୍ରପନ୍ଥୀ, ଡକାୟତ, ଏମାନେ ଏହି ତରଙ୍ଗକୁ କୌଶଳରେ ଧରି ମାରାତ୍ମକ ଘଟଣା ଘଟାନ୍ତି ଓ ସରକାରୀ ଚେଷ୍ଟା ଦମନ କାର୍ଯ୍ୟର ଆରମ୍ଭ ପୂର୍ବରୁ ମୋଡ଼ କରିଦିଅନ୍ତି। ସେନା, ପୋଲିସ ଯାନକୁ ଆକ୍ରମଣ କରନ୍ତି। ଆମ ଦେଶରେ ଉର୍ଦ୍ଦୁ ଭାଷା ବିଦେଶୀ ସାମରିକ ଅଭିଯାନକାରୀଙ୍କ ଭାଷା ଭାବରେ ପ୍ରବେଶ କରିଥିଲା। ସେନା ପୋଲିସର ଗୁପ୍ତ ଆଡ୍ଡାରେ ପ୍ରବେଶ ପାଇଁ ପାସୱାର୍ଡ଼ ନିତ୍ୟ ନୂଆ କର୍ମଚାରୀଙ୍କୁ ଚେତାଇ ଦିଆଯାଇଥାଏ। ଏହାର ବ୍ୟତିକ୍ରମରେ ଉଚ୍ଚ ପଦସ୍ଥ କର୍ମଚାରୀ ବି ପ୍ରବେଶ କରିପାରନ୍ତି ନାହିଁ। ସାଧାରଣକର୍ମୀଙ୍କ କଥା କଣ କହିବା। ସମସ୍ତେ ଶୁଣିଥିବେ ସ୍ୱିସ ବ୍ୟାଙ୍କରେ ଟଙ୍କା ଜମା ରଖିବା ବ୍ୟକ୍ତିଙ୍କୁ ଏକ ସଂକେତ ଚିହ୍ନ ଦିଆଯାଇଥାଏ। ତାହାରି ବଳରେ ଜମାକାରୀ ବା ତାଙ୍କ ଏଜେଣ୍ଟ ଟଙ୍କା ଦେଣ ନେଣ କରିପାରନ୍ତି। କେବେ କୌଣସି ବଣିକ କାର୍ଯ୍ୟାଳୟକୁ ଯାଇ ଅନୁଧ୍ୟାନ କରନ୍ତି ଦେଖିବେ ଅନେକ ଆଗନ୍ତୁକ କମ୍ପାନୀ ମାନଙ୍କ ଗୁମାସ୍ତା ତାଙ୍କର ଚାଲାଣ ଦ୍ରବ୍ୟ ଦର ବିକ୍ରି ଓ ଗଦିରେ ବସିବା ବଣିକ କିଛି ସଂକେତ ଭାଷାରେ ସଂକେତ ଇଙ୍ଗିତରେ ବିକ୍ରୟ କ୍ରୟ ନିଷ୍ପତ୍ତି ନେଉଥିବେ। ଲୁଗାଦୋକାନକୁ ଯାଆନ୍ତୁ ଦେଖିବେ ଲୁଗାରେ କିଛି ନମ୍ବର ଥିବ ସେଥିରେ ଦୋକାନୀ ଗ୍ରାହକ ଦେଖି ମୂଲ୍ୟ କମବେଶି କରୁଥିବେ। ପାଇକାରୀ ଓ ଖୁଚୁରା ଦର ସର୍ବଦା ଭିନ୍ନ ଏଥିରେ ବି ଖୁଚୁରା ଗ୍ରାହକଙ୍କୁ ଦରରେ ବଜାର ଦର ଅନୁସାରେ ନଫା କୋଡ଼ିଙ୍ଗ କଥା କଷ୍ଟା ବାଲା ବା ସେଲେସ ବୟକୁ କହି କଥିତ ମୂଲ୍ୟ ଆଦାୟ କରନ୍ତି। ପଶୁ ବିକ୍ରୟ ଖର୍ଦ୍ଦି ହାଟରେ ଅନେକ ଦଲାଲ ପଶୁ ବିକ୍ରେତାକୁ ଓ କ୍ରେତାକୁ କିପରି ବାଣିଜିକ କଥା କୁହନ୍ତି ପୁଣି ଦଲାଲ ଦଲାଲ ମଧ୍ୟରେ କିପରି ସେ ପଶୁଟିର ମୁଲାଇ ବିଷୟରେ କଥା ହୁଅନ୍ତି, ସେ କଥାର ଟେର ଚେର କେହିବି ପାଇ ପାରନ୍ତି ନାହିଁ। ପଶୁ ପକ୍ଷୀଙ୍କ ଭାଷା ବୁଝିବା ବିଦ୍ୟା ଅଛି ଏହା ଆୟତ୍ତ କରିବା ପାଇଁ ବିଧି ବଦ୍ଧ ସାଧନା ଅଛି, କିନ୍ତୁ ଏହି ପ୍ରଚଳିତ ସମୟ କେବଳ ଅର୍ଥକାରୀ ଖୋଜା ଯାଉଥିବାରୁ ଅନେକ ବୈଦିକ, ତାନ୍ତ୍ରିକ, ଶାବରୀ ଓ ଗୁରୁମୁଖୀ ବିଦ୍ୟାରୁ ଲୋକେ ବିମୁଖ।

ଜଣେ ବ୍ରାହ୍ମଣ ପୁଅ ପୂଜାପାଠରେ ଯଦି ନିମଗ୍ନ ରହି ଜୀବିକା କରୁଥିବେ, ତେବେ ତାଙ୍କ ବିବାହ ପାଇଁ ବର୍ତ୍ତମାନ କନ୍ୟା ଯୋଗାଡ଼ ତାଙ୍କରି ଜାତିର ଲୋକେ ମୁହଁ ମୋଡ଼ୁଛନ୍ତି କିନ୍ତୁ ଛୋଟ ସରକାରୀ ଚାକିରୀଟିଏ କରିଥିଲେ କନ୍ୟାଦାନ ପାଇଁ ସବୁ ସୁବିଧା ହୋଇଯାଉଛି। ଏପରି ସ୍ଥଳେ ଅନେକ ବିଦ୍ୟା ବର୍ତ୍ତମାନ ଅବହେଳିତ, ସଂସ୍କୃତରେ ଆମର ବହୁ ମୂଳଶାସ୍ତ୍ର, ସଂସ୍କୃତ ଆମର ରାଷ୍ଟ୍ର ଭାଷା ହୋଇପାରିନାହିଁ। ସଂସ୍କୃତ ଅଧ୍ୟୟନକାରୀ ବ୍ୟକ୍ତିଙ୍କ ଚାକିରୀ ଗୌଣ, ହେଲେ କମ୍ପ୍ୟୁଟର ଭାଷା ବିତ୍ତଙ୍କ ମାଳ ମାଳ ଚାକିରୀ। ଓଡ଼ିଆ ଭାଷା କୋଷ ପ୍ରଣେତା ଗୋପାଳ ପ୍ରହରାଜ ମହୋଦୟ ତାଙ୍କର ସେହି ଆମର କୃତିରେ ଶଶୀ ଠାରର ତଥ୍ୟ ଦେଇଛନ୍ତି ଯାହା ଆମ ରାଜ୍ୟରେ ପୂର୍ବେ ଅନେକ ଲୋକଙ୍କ ମଧ୍ୟରେ, ଗୋପନ ଘଟଣାର ପ୍ରସଙ୍ଗ ସମ୍ବନ୍ଧ ଦୁଇ ଜଣ ସେଠାରେ କେମିତି ଭାବ ବ୍ୟକ୍ତ କରୁଥିଲେ। ଏ ସମୟରେ ଫୋନ ନମ୍ବର, ପୋଷ୍ଟାଲ ପିନ କୋଡ଼, ରେଳ ଗାଡ଼ି ନଂ, ବ୍ୟାଙ୍କର ଶାଖା ନମ୍ବର ସବୁ ଏମିତି କୋର୍ଡ଼ ନଂ ରହିଛି ଯାହା ନୀରବ ବୋଧ ହେଲେ ବି ତତ ତତ କର୍ତ୍ତୃପକ୍ଷ ତୁରନ୍ତି ବୁଝି ଯାଉଛନ୍ତି। ରେଡ଼ିଓ ତରଙ୍ଗ ବା ଚୁମ୍ବକୀୟ ତରଙ୍ଗ, ଏକ୍ସରେ, ରେ ଶରୀରର ଆଭ୍ୟନ୍ତର ଗଡ଼ବଡ଼ିକୁ ପ୍ରେରକ ପଟୁ ତରଙ୍ଗ ପଠାଇ ଗ୍ରାହକ ପଟେ ଲେଖା ସଂଗ୍ରହ କରି ବିଶେଷଜ୍ଞ ଦ୍ୱାରା ରୋଗ ନିର୍ଣ୍ଣୟ କରାଯାଉଛି। ରାଜପଥରେ ଏହିପରି ମାଇଲି ବା କିଲୋମିଟରର ଦୁଇ କ୍ରମ ଖୁଣ୍ଟିର ରଙ୍ଗ ଓ ସଂଖ୍ୟା ପଥଚାରୀଙ୍କୁ ବହୁ ସୂଚନା ଦେଉଛି। ଅଭିଧାନର ଏକ ଏକ ନିରବ ଶବ୍ଦ ସଂକ୍ଷିପ୍ତରେ ରହିଲେ ବି ଏହାର ଅର୍ଥ ବିନ୍ୟାସ ଅନେକ ଧାଡ଼ିର ବାକ୍ୟ ହେଉଛି। ସଂସ୍କୃତ ବ୍ୟାକରଣର ଧାତୁ ଗୁଡ଼ିକର ବିଶ୍ଳେଷଣ ଅନେକ ଶବ୍ଦରେ ଆସୁଛି। ଛ ଋତୁରେ ପ୍ରକୃତି ଗତ ପରିବର୍ତ୍ତନ ଯାହା ବାରମ୍ବାର ଲେଖ ରହିଆସିଛି। ତାହା ଉପରେ ମାନବୀୟ ଚଳଣି ଆଣି ରାଜ କର ବା ରାଜ ସହାୟତା ପ୍ରକୃତିର ତାଣ୍ଡବ ପାଇଁ ଆଗୁଆ ବ୍ୟବସ୍ଥା କରାଯାଉଛି, ଲୋକେ ବର୍ଷା, ଖରା, ଶୀତ ପାଇଁ ସଜାଗ ରହୁଛନ୍ତି। ଏସବୁ ନୀରବ ସତର୍କତା ଆୱାଜ। ସମୟ ଲୋକଙ୍କ ପ୍ରକାର ଭେଦ ପୁରୁଷ ସ୍ତ୍ରୀରେ କରାଉଛି। ଜନ୍ମ ମରଣ ପ୍ରକ୍ରିୟାରେ ଏବେ ବହୁ ମାନବ ଜନ୍ମକୁ ମାନବ ଜନ୍ମକୁ ବୃକ୍ଷଲତା ଜୀବଜନ୍ତୁ କମିବାରେ ଲାଗିଛନ୍ତି।

ଏସବୁ ନୀରବ ମହାବିପତ୍ତି ସଂକେତ କେହି ବି ବୁଝିପାରୁ ନାହାନ୍ତି। ଦେବତା ନୀରବଦ୍ରଷ୍ଟା, ଲୋକେ ଲୋକ ମାନଙ୍କୁ, ଜୀବ ଜନ୍ତୁଙ୍କୁ ବୃକ୍ଷ ଲତାଙ୍କୁ ଅନେକ କଷ୍ଟ ଦେଉଛନ୍ତି, ହେଲେ ଅନେଶ୍ୱେତ ପ୍ରତିଦ୍ୱନ୍ଦୀଙ୍କୁ କାଟି ନିଜର ପ୍ରତିପତ୍ତି ସୁଖ ପାଇଁ ଦେବା ଦେବୀ ଦର୍ଶନ ହୁଣ୍ଡିରେ ଦାନ ଭୋଗଲଗା ଘରେ ପୂଜା ପାଠ କରିବା ବଢ଼ି ଚାଲିଛି। ପ୍ରତି ଘରେ ପୂଜା ଘର, ପୁଣି କଳିଯୁଗ ତାରଣ ପାଇଁ ଚୈତନ୍ୟ ଦେବଙ୍କ ପରି ଅନେକ ଗୁରୁ ସରଳିଆ ମାର୍ଗ ବାହାର କଲେ ବି ଲୋକେ ମୋବାଇଲି ଭୂତ ବା ଡାହାଣୀ ହାବୁଡ଼ରେ ପଡ଼ି ଗୁରୁବାଣୀ ମାର୍ଗ ଗୁଡ଼ିକୁ ଅଣଦେଖା କରୁଛନ୍ତି। କେହି ବି ଭଗବାନଙ୍କୁ ପ୍ରତ୍ୟକ୍ଷ ଦେଖି ନାହାଁନ୍ତି କଥା ହେବା ଦୂର କଥା। କୁହାଯାଏ ଭଗବାନ ଗୁରୁଙ୍କ ଦେହରେ ବାକ୍ୟରେ ରହନ୍ତି, କିନ୍ତୁ ଏବେ ରାମାୟଣ ଯୁଗର ରାବଣଙ୍କ ଅନେକ ଅନୁଚର କାଳନେମୀ ରୂପୀ ରାମନାମର ବାହାନାରେ ଗୃହୀଙ୍କ ଠାରୁ ଅନେକ ବିଷୟ ବାସ୍ନା ଭୋଗରେ ରହୁଛନ୍ତି। ଏଥିରେ ନିର୍ବାକ ଦେବତା ତାଙ୍କ ବାହିନୀ ମେଘ, ପବନ, ବାତ୍ୟା, ଭୂକମ୍ପ, ଅକାଳ ମୃତ୍ୟୁ, ସାଙ୍ଘାତିକ ରୋଗ, ଜଟିଳ କଳି ଲୋକ ଲୋକ ମଧ୍ୟରେ ଲାଗି ରହିବା, ହିଂସା, ଚୋରୀ, ଲୁଟକୁ ଆଉ ଆୟତ୍ତ କରିବା ପାଇଁ ଅସମର୍ଥ। ନା ଅଛି ଶୁଦ୍ଧ ଗବ୍ୟ ଘୃତ, ନା ଅଛି ଶୁଦ୍ଧ ବେଦ ମନ୍ତ୍ରର ପ୍ରୟୋଗ, ନା ଅଛନ୍ତି ଗୁରୁବାଦର ସାଧକ। ଏସବୁ ପାଇଁ ଦିବ୍ୟ ସଂସ୍କାର ତୁରନ୍ତ ଆବଶ୍ୟକ, ଯାହା ଦେବାଦେବୀଙ୍କ ନୀରବ ଆୱାଜ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

# 'ମନୋଯୋଗ'ର ସଙ୍କଟ

**ମନସିଜ୍ ଦାସ**

ଆମେ, ଆମ ସହିତ ଯଦି କିଏ ଦ୍ରୁତ ଭାବରେ ଆତଯାତ ହେଉଛି ସେ ହେଉଛି 'ମନ'। କହିବାକୁଗଲେ ଯେଉଁ ବସ୍ତୁଟି ଆମ ମାନଙ୍କୁ ଗୋଟିଏ ଅଲଗା ପୃଥିବୀ ଠାରୁ ଭିନ୍ନ କରିରଖିଛି ତାହା ହେଉଛି ଏ ମନ। ଏହା ଦୃଷ୍ଟିଗୋଚର ହୋଇନଥାଏ କିମ୍ବା ଏହା ସ୍ଥୂଳବସ୍ତୁ ନୁହେଁ। ବର୍ତ୍ତମାନ ସମୟକୁ ଟିକିଏ ଦେଖନ୍ତୁ। ବର୍ତ୍ତମାନର ସମୟରେ ଆମେ ଟଙ୍କା ଠାରୁ ଯଦି ଅଧିକ ଗୁରୁତ୍ୱ କାହାକୁ ଦେଉଛୁ ତାହା ହେଉଛି - 'ମନ ଯୋଗ'। ଶାସ୍ତ୍ରରେ ଉଲ୍ଲେଖ ରହିଛି ମାନସ, ବୁଦ୍ଧି, ଚିତ୍ତ ଓ ଅହଂକାର ଏଗୁଡ଼ିକ କେବଳ ମନର ବିଭିନ୍ନ କାର୍ମିକ ରୂପ। କିନ୍ତୁ ଏ ସବୁ ପଛରେ ଆମ ମନ, ଆମ ସମୟ, ଆମ ଏକାଗ୍ରତା ଏବେ ସବୁକିଛି ବଜାରର ସାମଗ୍ରି ହୋଇ ଯାଇଛି।

ସକାଳ ହେଲେ, ନିଦ ଭାଙ୍ଗିବା ମାତ୍ରକେ ହାତଟି ଚାଲିଯାଉଛି ମୋବାଇଲକୁ। ମୋବାଇଲରେ କିଏ ହ୍ୱାଟସ ଆପ୍ କ'ଣ ପଠାଇଛି ? ଫେସବୁକରେ କିଏ ସବୁ ନୂଆ ଫଟୋ ଅପଲୋଡ଼ କରିଛନ୍ତି, ଇନଷ୍ଟାଗ୍ରାମରେ କେଉଁ ଛୋଟ ଭିଡ଼ିଓ ଭଲ ଟ୍ରେଣ୍ଡିଂରେ ଚାଲିଛି ସେ ସବୁ ଦେଖିବା ପରେ ହିଁ ଆମର ଦିନ ଆରମ୍ଭ ହେଉଛି। ଆପଣ ସବୁ ଅବସ୍ଥାରେ, ଯୁଆଡ଼େ ବି ଘୁରି ଆସନ୍ତୁ ପ୍ରଥମେ ଚିନ୍ତା – 'ଫଟୋ ଦେଲି କି ?' ଘରେ କାହାର ଜନ୍ମଦିନ ହେଉ ବା କୌଣସି ସେଲିବ୍ରେସନ୍, କେକ କଟା ଠାରୁ ସ୍ୱାଗତ କାର୍ଯ୍ୟକ୍ରମ ସବୁଥିରେ ଆଗ ମୋବାଇଲ ହିଁ ଖୋଜା ପଡୁଛି। ବର୍ଷା ପଡ଼ିଲେ ମନରେ ଆଉ କବିତା ଆସୁନି। ଆସୁଛି ଛବି ସହିତ ଦୁଇଟି ଶବ୍ଦ। ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ଜୀବନ ଜୀଉଁଛୁ ଯେଉଁଠି ଅନୁଭବ କରିବା ଠାରୁ ଅଧିକ 'ଦେଖାଇବାରେ ବ୍ୟସ୍ତ ହୋଇପଡ଼ିଛୁ'। ଦିନଥିଲା ଲୋକେ ଘଣ୍ଟା ଘଣ୍ଟା ଧରି ବହି ପତ୍ର ସବୁ ପଢୁଥିଲେ। ବହି, ପୋଥି ଏପରିକି ତାଳପତ୍ର ଲେଖନୀକୁ ଲୋକେ ଖୋଜିବା ପାଇଁ ଅନେକ ସମୟ ଦେଉଥିଲେ। ଏବେ ଏକ ମିନିଟର କିମ୍ବା ତିନି ମିନିଟର ଭିଡ଼ିଓ ମଧ୍ୟ ଲମ୍ବା ଲାଗୁଛି। ଗୋଟିଏ ଲମ୍ବା ଦେଖିଲା ବେଳକୁ ଆମ ଅଙ୍ଗୁଠି ଆପେ ଆପେ ତଳକୁ ଚାଲିଯାଉଛି। ସତେ ଯେପରି ମନେ ହେଉଛି ଆମ ମସ୍ତିଷ୍କ ଧୈର୍ଯ୍ୟ ହରାଇ ଦେଲାଣି।

କୃତ୍ରିମ ବୁଦ୍ଧିମତ୍ତା ଆସିବା ପରେ ଏହିସବୁ ଅଭ୍ୟାସ ବଢ଼ିଛି। ଆମେ ଆଉ ଖବର ପଢୁ ନାହୁଁ, କେବଳ କାହାର ଛୋଟ ଛୋଟ ସାରାଂଶ ଯାହା ପଢୁଛୁ। ଆମେ ଆଉ ପୂର୍ବପରି ଖୋଜ ଖବର କିଛି କରୁନୁ, ପୂର୍ବ ପ୍ରସ୍ତୁତ ତିଆରି ଉତ୍ତର ନେଉଛୁ। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ସୁବିଧା ଆମକୁ ସ୍ମାର୍ଟ କରିଦେଇଛି, ଶୀଘ୍ର କରିଛି କିନ୍ତୁ ଗଭୀର ଅନୁଭୂତି ଦେଇନାହିଁ। ଏଇଠି ଛୋଟିଆ ପ୍ରଶ୍ନଟେ ଉଠୁଛି ଯଦି ଆଜିର ପିଲାମାନେ ଛୋଟ ରାସ୍ତାରେ, ଅଳ୍ପ ପରିଶ୍ରମରେ, ହାତ ପାହାନ୍ତାରେ ସବୁକିଛି ପାଇଯିବେ ତେବେ ସେମାନେ କଷ୍ଟ, ଅଭ୍ୟାସ, ଅଧ୍ୟବସାୟ କେବେ ଶିକ୍ଷା ଲାଭ କରିବେ ? ଯଦି ଗୋଟିଏ ବଟନ୍ ଦବାଇଲେ, ଟିକ ମାରିଲେ ତତ୍କାଳ ଉତ୍ତର ମିଳି ଯାଉଛି ତେବେ ଖୋଜିବାର ଆଗ୍ରହ କେମିତି ଆଉ ବଢ଼ିବ ନା ସୃଷ୍ଟି ହେବ ? ଯଦି ସବୁକିଛି ସହଜ ମିଳିଯାଏ ତେବେ ଧୈର୍ଯ୍ୟ, ପରିଶ୍ରମ ଓ ଏକାଗ୍ରତା ଆଉ ସମ୍ଭାବନା ହିଁ ସୃଷ୍ଟି କରିବନାହିଁ। ଜୀବନର ବଡ଼ ସଫଳତା ସବୁବେଳେ ଧୀରେ ଧୀରେ ଗଢ଼ି ଉଠେ। ଏହି ଯେମିତି ଆମେ ଆଜି ଯାହାକୁ ପ୍ରକାଣ୍ଡକାୟ ଗଛଟି ବୋଲି କହୁଛୁ ଏହା କ'ଣ ଗୋଟିଏ ଦିନରେ ବଡ଼ ହୋଇଥାଏ ? ସେହିପରି ପୁସ୍ତକ ମଧ୍ୟ ଗୋଟିଏ ପୃଷ୍ଠାରେ ଶେଷ ହୋଇନଥାଏ। ସେହିପରି ଆମେମାନେ ଛୋଟ ଛୋଟ ଭିଡ଼ିଓ ଦେଖି ହାତରେ ଥିବା ମୋବାଇଲ ହେଉ ବା ଏଆଇ ବ୍ୟବସ୍ଥା ଏ ସବୁକୁ ନେଇ ସତରେ କ'ଣ ଆମେ ବଡ଼ ହୋଇପାରିବା। ବର୍ତ୍ତମାନ ବଡ଼ ବଡ଼ ନାମୀ ଦାମୀ କମ୍ପାନୀମାନେ ଆମ ଟଙ୍କା ପାଇଁ ନୁହେଁ ଆମ 'ମନୋଯୋଗ' ପାଇଁ ଲଢୁଛନ୍ତି। ସେମାନେ ଚାହୁଁଛନ୍ତି ଆମେ ଆଉ କିଛି ସମୟ ପର୍ଦ୍ଦା ଆଗରେ ରହିବାକୁ। କାରଣ ଆମ ଧ୍ୟାନ ଓ ଉଦଯୋଗ, ଅଧ୍ୟବସାୟ, ମେଧା, ଦକ୍ଷତା, ସାମର୍ଥ୍ୟ ହିଁ ସେମାନଙ୍କ ବ୍ୟବସାୟ। ଧୀରେ ଧୀରେ ଆମେ ଏମିତି ଏକ ସମାଜ ଭିତରକୁ ଆଗେଇ ଚାଲିଛୁ ଯେଉଁଠାରେ ସବୁକିଛି ଜାଣୁ କିନ୍ତୁ କିଛି ଗଭୀର ଭାବେ ବୁଝି ନଥାଉ, ସବୁ ଉପର ଠାଉରିଆ ପରି। ସୂଚନା ବଢୁଛି କିନ୍ତୁ ସେ ତୁଳନାରେ ଚିନ୍ତନ କମୁଛି। ସଂଯୋଗ ବଢୁଛି କିନ୍ତୁ ଆଲୋଚନା ହଜି ଯାଉଛି। ଆଜିର ଦୁନିଆରେ ସବୁଠାରୁ ଅମାପ ଶକ୍ତି ହେଉଛି ଗଭୀର ଚିନ୍ତନ, ସ୍ୱାଧ୍ୟାୟ ଓ ସାମର୍ଥ୍ୟକୁ ଭାବିବାର କ୍ଷମତା। ଗୋଟିଏ ପୁସ୍ତକକୁ ଶେଷ କରିବା ପାଇଁ କେତେ ଜଣଙ୍କ ପାଖରେ ଧୈର୍ଯ୍ୟ ଥାଏ ? ବିନା ମୋବାଇଲରେ ଆମେ ସମୟ ଅତିବାହିତ କରିପାରୁଛେ କି ? କାରଣ ସମୟ ଆସୁଛି ସବୁଠୁ ଦୁର୍ଲ୍ଲଭ କୁହାଯାଉଥିବା ଟଙ୍କା, ଧନ ସମ୍ପତ୍ତି, କ୍ଷମତା, ସବୁ କିଛି ମିଳି ହେବ। କିନ୍ତୁ ମନଯୋଗ ଏତେ ସହଜ ନୁହେଁ। ଦିନ ଆସିବ ଏହି ମନୋଯୋଗ ହିଁ ସବୁଠୁ ଦୁର୍ଲ୍ଲଭ ଓ ସବୁଠୁ ମୂଲ୍ୟବାନ ବୋଲି ପ୍ରତୀୟମାନ ହେବ।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା
E-mail : manasijdas@rediffmail.com

# ଦୁର୍ନୀତି ମୁକ୍ତ ଭାରତ

**ଅଧ୍ୟାପକ ଗୋପବନ୍ଧୁ (ଅବସରପ୍ରାପ୍ତ, ଦର୍ଶନ ବିଭାଗ)**

ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍ ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ୟ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ ।

ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉତ୍କୋଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉତ୍କୋଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍ ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉତ୍କୋଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉତ୍କୋଚ, ଚାକିରୀ ପାଇଁ ଉତ୍କୋଚ, ବିଭିନ୍ନ କାମପାଇଁ ଉତ୍କୋଚ, ବିଭିନ୍ନ ଅଫିସରେ ଉତ୍କୋଚ, ଏହିପରି ଅନେକ ଉତ୍କୋଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉତ୍କୋଚରେ ଆଗକୁ ଯିବନାହିଁ । ଉତ୍କୋଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚିଯାଉଛି।

ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ୍ୟ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ବା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ୍ୟ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର ।

ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୂଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ୍ୟ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ଭ୍ରଷ୍ଟାଚାର ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ(ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା ।

ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ ।ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ୟା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ୍ୟ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି। ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି । (କ୍ରଶମଃଃ



# ଦିଲ୍ଲୀରେ ଆନ୍ଦୋଳନ ପୂର୍ବରୁ କକ୍ରୋଚ ଜନତା ପାର୍ଟିକୁ ମିଳିଲେ ନୂଆ ସମର୍ଥକ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**କକ୍ରୋଚ ଜନତା ପାର୍ଟି (ସିଜେପି) ଶନିବାର ନୂଆଦିଲ୍ଲୀର ଯନ୍ତର ମନ୍ତରଠାରେ ବଡ଼ଧରଣର ଆନ୍ଦୋଳନ କରିବାକୁ ଘୋଷଣା କରିଥିବାବେଳେ ସଙ୍ଗଠନ ପ୍ରତି ବିଭିନ୍ନ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ ସମର୍ଥନ ବିବାରେ ଲାଗିଛି । ଆବଶ୍ୟକାଳିକ ଆନ୍ଦୋଳନ ପାଇଁ ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଆମେରିକାରୁ ନୂଆଦିଲ୍ଲୀ ଅଭିମୁଖେ ତାଙ୍କ ଯାତ୍ରା ଆରମ୍ଭ କରିଛନ୍ତି । ନିଟ୍ ୨୦୨୬ ପ୍ରଶ୍ନପତ୍ର ଲିକ୍ ଓ ସିବିଏସ୍ଇ ପରୀକ୍ଷା ତ୍ରୁଟିକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଡକାଯାଇଛି ।



ସିଜେପିକୁ ସମର୍ଥନ ଜଣାଇଥିବା ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପରିବେଶ କର୍ମୀ ତଥା ଶିକ୍ଷାବିତ ସୋନମ୍ ୱାଙ୍ଗଚୁକ୍, ଅଭିନେତା ପ୍ରକାଶ ରାଜ ଓ ଶିବସେନା ନେତା ଆଦିତ୍ୟ ଠାକରେ ଅଛନ୍ତି । ଜୁନ୍ ୫ ତାରିଖ ସୁଦ୍ଧା ଯଦି ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦିଅନ୍ତି ତାହାହେଲେ ସେ ଜୁନ୍ ୬ ତାରିଖରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନରେ ଯୋଗ ଦେବେ ବୋଲି ୱାଙ୍ଗଚୁକ୍ ଘୋଷଣା କରିଛନ୍ତି । ଦେଶର ଶିକ୍ଷା ବ୍ୟବସ୍ଥାର ଅବସ୍ଥା ଓ ଦେଶରେ ଯେଉଁ ଭାବେ ଶିକ୍ଷା ସଂସ୍କାର ଲାଗୁ କରାଯାଉଛି ସେ ବିରୋଧରେ ସେ ଆନ୍ଦୋଳନରେ ଯୋଗଦେବେ ବୋଲି କହିଛନ୍ତି । ସିଜେପି ୱାଙ୍ଗଚୁକ୍ଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି । ଅଭିନେତା ପ୍ରକାଶ ରାଜ ଆନ୍ଦୋଳନକୁ ତାଙ୍କର ସମର୍ଥନ ଘୋଷଣା କରିଛନ୍ତି । 'ଏକ୍ସ'ରେ ଏକ ପୋଷ୍ଟ କରି ପ୍ରକାଶ ରାଜ କହିଛନ୍ତି, ଫିଲ୍ମ ସୁଟିଂରେ ବ୍ୟସ୍ତ ଥିବା ସତ୍ତ୍ୱେ ସେ ଦିଲ୍ଲୀରେ ଶନିବାର ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି । ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ ମଧ୍ୟ ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି । ଠାକରେ କହିଛନ୍ତି, ସେମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଚାହୁଁଛନ୍ତି । ନିଟ୍-ୟୁଜି ଓ ସିବିଏସ୍ଇ ବିବାଦ ପ୍ରଶାସନିକ ଶୂନ୍ୟତା ଓ ମନ୍ତ୍ରୀଙ୍କ ଦାୟିତ୍ୱହୀନତାର ଅଭାବକୁ ଦର୍ଶାଉଛି । ଏହାପୂର୍ବରୁ 'ଏକ୍ସ'ରେ ପୋଷ୍ଟ କରି ଦୀପକେ ଆନ୍ଦୋଳନ ପାଇଁ ଭାରତ ଆସୁଥିବା ଘୋଷଣା କରିଥିଲେ । ସମର୍ଥକମାନଙ୍କୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଯନ୍ତରମନ୍ତରକୁ ଅାସିବାକୁ ସିଜେପି ନିବେଦନ କରିଛି । ବହୁସଂଖ୍ୟକ ସମର୍ଥକ ବିମାନ ବନ୍ଦରରେ ପହଞ୍ଚି ଦୀପକେଙ୍କୁ ସ୍ୱାଗତ କରିବା ସହିତ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିବାକୁ ଆଗ୍ରହ ବ୍ୟକ୍ତ କରିଥିବାରୁ ଦଳ ଏହାର ଯୋଜନାରେ ପରିବର୍ତ୍ତନ କରିଛି । ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା ଓ କୀର୍ତ୍ତି ଆଜାଦଙ୍କ ଭଳି ବିରୋଧୀ ଦଳ ନେତାମାନେ ମଧ୍ୟ ସିଜେପିକୁ ସମର୍ଥନ କରିଥିଲେ । ପାନିପଥର ଓକିଲ ସୁଧୀର ଜାଖର ନିଜକୁ ସିଜେପିର ସଭାପତି ଦାବି କରୁଛନ୍ତି ଓ ଯନ୍ତର ମନ୍ତରଠାରେ ଦୀପକେଙ୍କ ପ୍ରତିବାଦକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କୁରୁକ୍ଷେତ୍ରରେ କୃଷକ ନେତା ଗୁରନାମ ସିଂହ ଚଦୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସିଜେପିର ପ୍ରତିବାଦକୁ ସମର୍ଥନ କରିବାର ନିଷ୍ପତ୍ତି ନିଆଯାଇଛି ।

# ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କଲା ଜର୍ମାନୀ

## ଆବଶ୍ୟକ ହେବନି ଟ୍ରାଞ୍ଜିଟ୍ ଭିସା

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କରିଛି ଜର୍ମାନୀ ଜର୍ମାନୀ ଦୂତାବାସ ଘୋଷଣା କରିଛି ଯେ ଭାରତୀୟ ନାଗରିକମାନଙ୍କୁ ଆଉ ଜର୍ମାନୀର କୌଣସି ବି ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରିବା ପାଇଁ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ। ଦୂତାବାସ ଅନୁଯାୟୀ, ଛାତ୍ର, କର୍ମଜୀବୀ ଏବଂ



ପର୍ଯ୍ୟଟକଙ୍କ ସମେତ ବହୁ ସଂଖ୍ୟକ ଭାରତୀୟ ଅନ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଜର୍ମାନ ବିମାନବନ୍ଦର ଦେଇ ଯାତ୍ରା କରନ୍ତି । ଏକ ବିବୃତ୍ତିରେ, ଜର୍ମାନୀ ଦୂତାବାସ କହିଛି, ଜର୍ମାନୀ ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ଆଉ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ । ଏହି ପଦକ୍ଷେପ ୟୁରୋପ, ଉତ୍ତର ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯାତ୍ରା କରିବା ସମୟରେ ଜର୍ମାନୀ ବିମାନବନ୍ଦରକୁ ଟ୍ରାଞ୍ଜିଟ୍ ହବ୍ ଭାବରେ ବ୍ୟବହାର କରୁଥିବା ଭାରତୀୟ ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ଦେବ ବୋଲି ଅାଶା କରାଯାଉଛି । ଦୂତାବାସ କହିଛି, ଏହି ନିଷ୍ପତ୍ତି ଭାରତ-ଜର୍ମାନୀ ସମ୍ପର୍କକୁ ଆହୁରି ମଜବୁତ କରିବା, ଲୋକଙ୍କ ମଧ୍ୟରେ ଯାତାୟାତକୁ ସହଜ କରିବା ଏବଂ ଆର୍ଥିକ ସମ୍ପର୍କକୁ ଗଭୀର କରିବା ପାଇଁ ଜର୍ମାନୀ ସଂଘୀୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଦୂତାବାସ କହିଛି ଯେ ଏହି ପଦକ୍ଷେପ ଜାନୁଅାରୀରେ ଜର୍ମାନୀ ଚାନ୍ସେଲର ଫ୍ରେଡ୍ରିଚ୍ ମର୍ଜଙ୍କ ଭାରତ ଗସ୍ତ ପରେ ନିଆଯାଇଛି । ଉଲ୍ଲେଖ ଥାଉ କି ଏହି ବର୍ଷ ଏପ୍ରିଲରେ, ଫ୍ରାନ୍ସ ଭାରତୀୟ ନାଗରିକଙ୍କ ପାଇଁ ବିମାନବନ୍ଦର ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତାକୁ ଉଚ୍ଛେଦ କରିଥିଲା, ଯାହା ଫଳରେ ତୃତୀୟ ଦେଶକୁ ଯାତ୍ରା କରିବା ପାଇଁ ଫ୍ରାନ୍ସ ବିମାନବନ୍ଦର ଦେଇ ଯାଉଥିବା ଯାତ୍ରୀମାନଙ୍କ ଯାତ୍ରା ସହଜ ହୋଇଥିଲା । ଏହି ପଦକ୍ଷେପ ଫେବୃଅାରୀ ୨୦୨୬ରେ ଭାରତ ଗସ୍ତ ସମୟରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦ୍ୱାରା କରାଯାଇଥିବା ଏକ ଘୋଷଣା ପରେ ନିଆଯାଇଥିଲା, ଯେଉଁଥିରେ ସେ କହିଥିଲେ ଯେ ଫ୍ରାନ୍ସ ଦେଇ ତୃତୀୟ ଦେଶକୁ ଭାରତୀୟ ନାଗରିକଙ୍କ ଯାତ୍ରାକୁ ସହଜ କରିବା ପାଇଁ ପଦକ୍ଷେପ ନିଆଯିବ ।

# ପୁଣି ମମତାଙ୍କୁ ଝଟକା, ଇସ୍ତଫା ଦେଲେ କୋଲକାତାର ଟିଏମସି ମେୟର

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**ପଶ୍ଚିମବଙ୍ଗରେ ଟିଏମସି ସରକାର ଯିବାର ମାସେ ପୁରିଛି । କ୍ଷମତା ଯିବା ପରେ ଗୋଟିଏ ପରେ ଗୋଟିଏ ଝଟକା ଟିଏମସି ମୁଖ୍ୟ ମମତା ବାନାର୍ଜୀଙ୍କୁ ଲାଗୁଛି । କୋଲକାତାର ଟିଏମସି ମେୟର ଫିରହାଦ ହାକିମ ନିଜର ପଦରୁ ଇସ୍ତଫା ଦେଇଛନ୍ତି । ଟିଏମସିରେ ଲାଗି ରହିଥିବା ରାଜନେତିକ ଅସ୍ଥିରତା ମଧ୍ୟରେ ଏହି ଇସ୍ତଫା ଦିଦିଙ୍କ ଚିନ୍ତା ବଢ଼ାଇ ଦେଇଛି । ଇସ୍ତଫା ଦେବା ପରେ ସେ କହିଛନ୍ତି କି, ମୁଁ ଆଉ ପୂର୍ବପରି କାମ କରି ପାରିବି ନାହିଁ । ଏହି କାରଣରୁ ମୁଁ ଇସ୍ତଫା ଦେଉଛି । ଏହି ପଦବୀରେ ରହି କାମ ନକଲେ ପଦବୀ ପ୍ରତି ଅପମାନ ହେବ ବୋଲି କହିଛନ୍ତି । ଏହାସହ



କହିଛନ୍ତି କି, ମୋ ପରେ ଯିଏ ବି ଅାସିବେ ମୁଁ ତାଙ୍କୁ ଶୁଭକାମନା ଜଣାଇବି । କିଛିଦିନ ପୂର୍ବରୁ ମଧ୍ୟ ମୁଁ ଏହି ପଦବୀରୁ ଇସ୍ତଫା ଦେବା ପାଇଁ ମମତାଙ୍କ ସହ ଅାଲୋଚନା କରିଥିଲି । ସେ ମଧ୍ୟ ହଁ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ସେ ଜନସାଧାରଣଙ୍କ ଆଶା ପୂରଣ କରିବେ ଯକହି ରଖୁଛୁ କି, ଫିରହାନ ହେଉଛନ୍ତି ଟିଏମସିର ଜଣେ ବରିଷ୍ଠ ନେତା । ୨୦୧୮ ମସିହାରୁ ସେ କୋଲକାତାର ମେୟର ରହି ଆସିଛନ୍ତି । ସ୍ୱାଧିନତା ପରେ ସେ କୋଲକାତାର ପ୍ରଥମ ମୁସଲିମ ମେୟର । ସେପଟେ ବିଧାୟକଙ୍କ ଜାଲ ଦସ୍ତଖତ ମାମଲାରେ ମଧ୍ୟ ତାଙ୍କୁ ପଶ୍ଚିମବଙ୍ଗ ସିଆଇଡି ପକ୍ଷରୁ ପଚରାଉଚରା କରାଯାଇଛି ।

# ଇଣ୍ଡିମେଣ୍ଟ ବୈଠକରେ ଯୋଗ ଦେବେ ବିଜୟ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):** ଆସନ୍ତା ଜୁନ୍ ୮ ତାରିଖରେ ଇଣ୍ଡି ମେଣ୍ଟ ବେଠକରେ ଡିଏମ୍କେ ଯୋଗ ଦେବନି ବୋଲି ନିଷ୍ପତ୍ତି ଶୁଣାଇବାପରେ ଏବେ ଇଣ୍ଡି ମେଣ୍ଟରେ ନୂଆ କରି ପ୍ରବେଶ କରିବ ଟିଭିକେ । ଜାତୀୟ ରାଜନୀତିରେ ପ୍ରବେଶ କରିବାପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ବିଜୟ ଏହି ସୁଯୋଗର ହାତ ଛଡ଼ା କରିବେନି । ଜୁନ୍ ୮ ତାରିଖ



ବେଠକରେ ଟିଭିକେ ଯୋଗ ଦେବ। ତାମିଲନାଡୁରେ ନୂଆ ସରକାରରେ ବିଜୟ କଂଗ୍ରେସକୁ ୨ଟି ମନ୍ତ୍ରୀ ପଦ ଦେବା ସହ ଗୋଟିଏ ରାଜ୍ୟସଭା ଅାସନ ଦେବାପରେ ଟିଭିକେର କଂଗ୍ରେସ ସହ ମେଣ୍ଟ ସୁଦୃ ହୋଇଛି। କଂଗ୍ରେସ ନେତୃବାଧୀନ ବିରୋଧୀ ମେଣ୍ଟରେ ସେ ଏବେ ଯୋଗ ଦେଇ ଜାତୀୟ ରାଜନୀତିରେ ଏକ ଭୂମିକା ନିର୍ବାହ କରିବାପାଇଁ ଆଗ୍ରହ ଦେଖାଇଛନ୍ତି । ଏହା ପୂର୍ବରୁ ଗୁରୁବାର କଂଗ୍ରେସର ତାମିଲନାଡୁ ପ୍ରଭାରୀ ଗିରିଶ ଚୋଡ଼ଙ୍କର ବିଜୟଙ୍କୁ ସଚିବାଳୟରେ ଭେଟିଥିଲେ । କୁହାଯାଉଛି ଯେ ଡିଏମ୍କେ ଇଣ୍ଡିମେଣ୍ଟ ଛାଡ଼ିବା ପରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା ତାହା ବିଜୟଙ୍କ ପ୍ରବେଶ ସହ ପୂରଣ ହେବ । ବିଜୟଙ୍କ ଉପସ୍ଥିତି ମଧ୍ୟ ମେଣ୍ଟକୁ ସୁଦୃ କରିବ । ଉଭୟ ରାହୁଲ ଗାନ୍ଧୀ ଏବଂ ବିଜୟ ମିଶି ପରବର୍ତ୍ତୀ ଲୋକସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବେ ।

# ବିଶ୍ୱ ଅର୍ଥନୀତି ପ୍ରତି ଅବଦାନରେ ଚୀନକୁ ଭାରତ ପଛରେ ପକାଇ ଦେବ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**ବିଶ୍ୱ ଅର୍ଥନୀତି ପ୍ରତି ଅବଦାନରେ ଚୀନକୁ ଭାରତ ପଛରେ ପକାଇ ଦେବୟ ୱାର୍ଲ୍ଡ ଇନ୍ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ୨୦୬୦ ସୁଦ୍ଧା ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ବୃଦ୍ଧି ପାଇ ଚୀନଠାରୁ ଅଧିକ ହୋଇଯିବ । କ୍ରୟ ଶକ୍ତି ସମାନତା (ପିପିପି) ଅାଧାରରେ ବର୍ତ୍ତମାନ ବିଶ୍ୱ ଅର୍ଥନୀତି ପ୍ରତି ଚୀନର ଅବଦାନ ୨୦ ପ୍ରତିଶତ ରହିଛି । କିନ୍ତୁ ବିଶ୍ୱ ଜନସଂଖ୍ୟାରେ ଚୀନର ଥିବା ଭାଗ ଦ୍ରୁତ ଗତିରେ ହ୍ରାସ ପାଇବ ।୧୯୪୫ରେ ସେହି ଅବଦାନ ୨୩ ପ୍ରତିଶତ ଥିଲା ଯାହା ୨୦୨୫ ସୁଦ୍ଧା ୧୭ ପ୍ରତିଶତକୁ ଖସିଆସିଛି। ୨୧୦୦ ବେଳକୁ ତାହା ୮ ପ୍ରତିଶତରୁ ବି କମ୍ ହୋଇଯିବ । ତାହାର ପ୍ରଭାବରେ ବିଶ୍ୱ ଅର୍ଥନୀତି ପ୍ରତି ଚୀନ ଜିଡିପିର ଅବଦାନ ସ୍ଥିର ହୋଇଯିବ ଓ ପରେ ହ୍ରାସ ପାଇବ । ୨୦୬୦ ବେଳକୁ ଚୀନକୁ ଭାରତ ଅତିକ୍ରମ କରିଯିବ । ୧୯୦୦-୧୯୧୦ ପର୍ଯ୍ୟନ୍ତ ବିଶ୍ୱ ଜିଡିପିର ୪୦-୪୫ ପ୍ରତିଶତ ଭାଗ ୟୁରୋପ ପାଖରେ ଥିଲା । ୧୯୫୦ ବେଳକୁ ଆମେରିକାର ଭାଗ ମଧ୍ୟ ୩୫-୪୦ ପ୍ରତିଶତ ରହିଥିଲା। ଚୀନ କିନ୍ତୁ ସେହିଭଳି ଉପଲବ୍ଧି ହାସଲ କରିପାରିବ ନାହିଁ। ବିଶ୍ୱ ଅର୍ଥନେତିକ ଆଉଟଲୁକ୍ ଅନୁସାରେ ୨୦୨୬ରେ ଭାରତର ଜିଡିପି ୪.୧୫ ଲକ୍ଷ କୋଟି ଡଲାରକୁ ବୃଦ୍ଧି ପାଇବ । ସେହି ସମୟରେ ଅାମେରିକାର ଜିଡିପି ୩୨.୮୮ ଲକ୍ଷ କୋଟି ଡଲାର, ଚୀନର ୨୦.୮୫ ଲକ୍ଷ କୋଟି ଡଲାର, ବ୍ରିଟେନର ୪.୨୭ ଲକ୍ଷ କୋଟି ଡଲାର ଓ ଜାପାନର ଜିଡିପି ୫ । ୪.୩୮ ଲକ୍ଷ କୋଟି ଡଲାରରେ ପହଞ୍ଚିବ । କେବଳ ଜାପାନର ଜିଡିପି ପୂର୍ବାପେକ୍ଷା ହ୍ରାସ ପାଇବ ବୋଲି ରିପୋର୍ଟରେ ଆକଳନ କରାଯାଇଛି ।

# ନୂଆଦିଲ୍ଲୀକୁ 'ନିର୍ଭରଯୋଗ୍ୟ ସହଯୋଗୀ' କହି ପ୍ରଶଂସା କଲେ ପୁଟିନ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):** ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗୁରୁବାର ନୂଆଦିଲ୍ଲୀ ସହିତ ମସ୍କୋର ରଣନେତିକ ସହଭାଗିତାକୁ ପ୍ରଶଂସା କରିଛନ୍ତି । ଏଥି ସହ ସେ କହିଛନ୍ତି ଯେ ଭାରତ-ରୁଷ୍ ସମ୍ପର୍କ ଭାଙ୍ଗିବା ପାଇଁ ପାଶ୍ଚାତ୍ୟ ଉଦ୍ୟମ ବ୍ୟର୍ଥ ହୋଇଛି ଏବଂ ତାହା ବିଶ୍ୱ ସ୍ଥିରତା ପାଇଁ ମଧ୍ୟ କ୍ଷତିକାରକ । ଅଗ୍ରଣୀ ବିଶ୍ୱସ୍ତରୀୟ ସମ୍ବାଦ ଏଜେନ୍ସିର ପ୍ରତିନିଧିଙ୍କ ସହ ଏକ କଥାବାର୍ତ୍ତାରେ ପୁଟିନ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଓ ଏହାର ସ୍ୱାଧୀନ ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ରୁଷ୍ ଭାରତ ସହିତ ଏହାର ଅର୍ଥନୈତିକ ସମ୍ପର୍କକୁ ବିସ୍ତାର କରିବାକୁ ପ୍ରତିଶ୍ରୁତିବଦ୍ଧ । ପୁଟିନ କହିଛନ୍ତି ଯେ ଭାରତ ବିଶ୍ୱର ପ୍ରମୁଖ ଅର୍ଥନୀତି ମଧ୍ୟରେ ଅନ୍ୟତମ ଏବଂ ବର୍ତ୍ତମାନ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରଭାବଶାଳୀ ହାର ପ୍ରଦର୍ଶନ କରୁଛି । ଆଗାମୀ ବର୍ଷରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ସେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି । ପୁଟିନ କହିଛନ୍ତି ଯେ ରୁଷ୍ ସହିତ ସମ୍ପର୍କକୁ ସୀମିତ କରିବା ପାଇଁ ଭାରତ ଉପରେ ପାଶ୍ଚାତ୍ୟ ଚାପର କୌଣସି ପ୍ରଭାବ ରୁଷ୍ ଦେଖୁନାହିଁ । ସେ କହିଛନ୍ତି, ସମସ୍ତେ ବୁଝିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ (ଓ ଭାରତ) ଉପରେ ଚାପ ପକାଇବା ଅନ୍ତର୍ଜାତୀୟ ସମ୍ପର୍କ ଓ ଦ୍ୱିପାକ୍ଷିକ ସମ୍ପର୍କ ପାଇଁ କ୍ଷତିକାରକ। ଏହି ଚାପ କେଉଁଠୁ ଆସୁଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ତା' ସତ୍ତ୍ୱେ ଆମେ କୌଣସି ନକାରାତ୍ମକ ପରିଣାମ ଦେଖୁନାହୁଁ । ଭାରତ-ରୁଷ୍ ସମ୍ପର୍କକୁ ନେଇ କେତେକ ପାଶ୍ଚାତ୍ୟ ରାଜଧାନୀରେ ଅସନ୍ତୋଷ ବୃଦ୍ଧି ପାଉଥିବା ପୃଷ୍ଠଭୂମିରେ ରୁଷ୍ ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ଆସିଛି । ରୁଷର ଅଶୋଧିତ ତୈଳ କ୍ରୟ ହ୍ରାସ କରିବାକୁ ଆମେରିକା କ୍ରମାଗତ ଭାବରେ ଭାରତକୁ ଅନୁରୋଧ କରିଆସୁଛି । ରୁଷ୍ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି ଯେ, ନୂଆଦିଲ୍ଲୀ ନିଜର ଜାତୀୟ ସ୍ୱାର୍ଥକୁ ପ୍ରାଥମିକତା ଦେବା ଜାରି



ରଖିବ ଏବଂ ଆମେରିକା ସହିତ ଭାରତର କୂଟନୈତିକ ସମ୍ପର୍କ ରୁଷ୍ ସହିତ ଏହାର ସମୟ-ପରୀକ୍ଷିତ ସମ୍ପର୍କକୁ ବାଧା ଦେବ ନାହିଁ କିମ୍ବା ଦୁର୍ବଳ କରିବ ନାହିଁ। ୱାସିଂଟନ ସହ ଭାରତର ଗଭୀର ମେଣ୍ଟ ରୁଷ୍ ପାଇଁ ସମସ୍ୟା ସୃଷ୍ଟି କରୁଛି କି ବୋଲି ପଚରାଯିବାରୁ ପୁଟିନ କହିଛନ୍ତି, ଆମେ ଖୁସି ଯେ ଭାରତ ଏହାର ଜାତୀୟ ସ୍ୱାର୍ଥ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେ କରୁଥିବା ସମସ୍ତ ଦେଶ ସହ ସମ୍ପର୍କ ରଖୁଛି । ରୁଷ୍ ଭାରତକୁ ଏକ ବିଶ୍ୱସନୀୟ ସହଯୋଗୀ ଭାବରେ ବିବେଚନା କରେ ଏବଂ ଅନ୍ୟ କୌଣସି ଦେଶ ସହିତ ନୂଆଦିଲ୍ଲୀର ଦ୍ୱିପାକ୍ଷିକ ସମ୍ପର୍କରୁ ଏହା କୌଣସି ନକାରାତ୍ମକ ପରିଣାମ ଦେଖେ ନାହିଁ । ସେ କହିଛନ୍ତି ଯେ ଭାରତ ଏକ ମହାନ ରାଷ୍ଟ୍ର ଓ ବୃହତ୍ତମ ଗଣତନ୍ତ୍ର ଏବଂ ରୁଷ୍ ଏହା ସହିତ ସମ୍ପର୍କ ଜାରି ରଖିବ । ୟୁକ୍ରେନ ବିବାଦ ଉପରେ ଏକ ପ୍ରଶ୍ନର ଉତ୍ତରରେ ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ସେ ଏହାର ସମାଧାନ ପାଇଁ ଖୋଲା ଅଛନ୍ତି ଏବଂ ବର୍ତ୍ତମାନ କାର୍ଯ୍ୟ ହେଉଛି କିବକୁ ବୁଝାଇବା । ୟୁକ୍ରେନ ସହ ଶାନ୍ତି ଆଲୋଚନାରେ ୟୁରୋପୀୟ ସଂଘର ଦେଶଗୁଡିକ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିପାରିବେ ବୋଲି ଧାରଣାକୁ ମଧ୍ୟ ସେ ଖାରଜ କରିଛନ୍ତି । ରୁଷ୍ ରାଷ୍ଟ୍ରପତି କହିଛନ୍ତି ଯେ ୟୁରୋପୀୟ ସଂଘ କିବକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ପରିବର୍ତ୍ତେ ଆପୋଷ ବୁଝାମଣା କରିବାକୁ ପ୍ରବର୍ତ୍ତାଇ ବିବାଦର ସମାଧାନ କରିବାରେ ସାହାଯ୍ୟ କରିପାରିବ। ପୁଟିନ କହିଛନ୍ତି ଯେ ୟୁକ୍ରେନ୍ ସଙ୍କଟ ସ୍ଥାନୀୟ ପ୍ରସଙ୍ଗ ହୋଇଥିବାବେଳେ ଇରାନ ପ୍ରସଙ୍ଗ ଏକ ବିଶ୍ୱସ୍ତରୀୟ ପ୍ରସଙ୍ଗ। ପଶ୍ଚିମ ଏସିଆରେ ଉତ୍ତେଜନା ହ୍ରାସ କରିବାରେ ସହାୟକ ହେଉଥିବା ଯେକୌଣସି ନିଷ୍ପତ୍ତିକୁ ରୁଷ୍ ସମର୍ଥନ କରିବାକୁ ପ୍ରସ୍ତୁତ ଅଛି । ପୁଟିନ ରାଷ୍ଟ୍ରପତି ଭାବରେ ବୋଲଡିମିର ଜେଲେନସ୍କିଙ୍କ ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇ କହିଛନ୍ତି ଯେ ୟୁକ୍ରେନ ନେତାଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି । ସେମାନେ ନିର୍ବାଚନ କରିବେ କି ନାହିଁ, ଆମେ ଏହି ପ୍ରଶ୍ନ ପଚାରିବା ଉଚିତ ।

# ସୁଧ ଅପରିବର୍ତ୍ତିତ ରଖିଲା ରିଜର୍ଭ ବ୍ୟାଙ୍କ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**ମଧ୍ୟପ୍ରାଚ୍ୟ ଯୁଦ୍ଧରୁ ସୃଷ୍ଟି ହୋଇଥିବା ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଗରୁତ୍ୱପୂର୍ଣ୍ଣ ସୁଧ ହାର ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି । ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧକ୍ଷତାରେ ଛଅ ଜଣିଆ ମୁଦ୍ରାନୀତି କମିଟି ବ୍ୟାପକ ମାନସମନ୍ଥନ କରିବା ପରେ ସୁଧକୁ ସ୍ଥିର ରଖିଛି । ଏହା ଘର, ଗାଡ଼ି ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଋଣ ନେଇଥିବା ଗ୍ରାହକଙ୍କ ନିମନ୍ତେ ଏକ ବଡ଼ ଆଶ୍ୱସ୍ତି । ସେମାନଙ୍କ ଋଣର ମାସିକ କିସ୍ତି ବା ଇଏମ୍ଆଇରେ କେଣସି ବୃଦ୍ଧି ହେବ ନାହିଁ । ଆଜି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶ୍ରୀ ମଲହୋତ୍ରାଙ୍କ କିଛି ତଥ୍ୟ କିନ୍ତୁ ଚିନ୍ତାଜନକ ମନେ ହେଉଛି । ସେ କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶର ଗତି ଧିମା ହୋଇଯିବ । ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୬.୬ ପ୍ରତିଶତକୁ ହ୍ରାସ ପାଇବ । ପୂର୍ବରୁ ଏହା କହିଥିଲା ଯେ ଅଭିବୃଦ୍ଧି ୬.୯ ପ୍ରତିଶତ ହେବ ।ଯୁଦ୍ଧ ପାଇଁ ଏହା ନିଜର ପୂର୍ବ ଆକଳନ ହ୍ରାସ କରିବାକୁ ବାଧ୍ୟ ହୋଇଛି । ଅର୍ଥନୀତିକୁ ଡବଲ୍ ଟଙ୍କା ମିଳିବ । କେବଳ ଅଭିବୃଦ୍ଧି କମିବ ନାହିଁ, ଅନ୍ୟ ପଟେ ଦରଦାମ୍ ମଧ୍ୟ ବେଲଗାମ ହୋଇପଡ଼ିବ । ଖୁଚୁରା ମୁଦ୍ରାସ୍ଫୀତି ହାର ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୪ ପ୍ରତିଶତର ସୀମାରେଖା ଡେଇଁ ୫ ପ୍ରତିଶତରୁ ଅଧିକ ହୋଇଯିବ ବୋଲି ମଧ୍ୟ ଅାକଳନ କରାଯାଇଛି । ଶ୍ରୀ ମଲହୋତ୍ରା କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଯୁଦ୍ଧକୁ ନେଇ ଅନିଶ୍ଚିତତା ରହିଛି । ତାହାର ପ୍ରଭାବ ଓ ଯୋଗାଣ ଶୃଙ୍ଖଳା ସ୍ୱାଭାବିକ





ହେବାର ସମ୍ଭାବନାକୁ ଅାଧାର କରି ମୁଦ୍ରାନୀତି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଦେଶରୁ ଲାଗାତାର ଭାବେ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଦେଶୀ ନିବେଶକମାନଙ୍କୁ ଶାନ୍ତ କରିବା ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସରକାରୀ ପ୍ରତିଭୂତି ଉପରେ ବିଦେଶୀ ନିବେଶକମାନଙ୍କ ଲାଗି ଲଗାଯାଇଥିବା ଦୀର୍ଘକାଳୀନ ପୁଞ୍ଜି ଲାଭ ଟିକସକୁ ହଟାଇ ଦିଆଯାଇଛି। କେବଳ ସେତିକି ନୁହେଁ, ଅଧିକ ବିଦେଶୀ ପାଣ୍ଠି ଆଣିବା ପଥକୁ ସୁଗମ କରିବା ପାଇଁ ଅଣ ପ୍ରବାସୀ ଭାରତୀୟ, ବିଦେଶରେ ରହୁଥିବା ଭାରତୀୟ ନାଗରିକମାନଙ୍କ ପାଇଁ ଇକ୍ୱିଟିରେ ନିବେଶ ସୀମାକୁ ବୃଦ୍ଧି କରାଯାଇଛି ।

# ଆଶ୍ଚର୍ଯ୍ୟ ଲାଗୁଛି ଟିଏମସି କିପରି ବିଭାଜିତ ହେଉଛି

**ନୂଆଦିଲ୍ଲୀ,୫।୬(ଏଜେନ୍ସି):**ଜୁନ୍ ୮ ତାରିଖରେ ଦିଲ୍ଲୀରେ ଇଣ୍ଡି ମେଣ୍ଟର ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । ଟିଏମସି ଭିତରେ ବିଭାଜନ ମଧ୍ୟରେ ଦଳ ମୁଖ୍ୟ ମମତା ବାନାର୍ଜୀଙ୍କ ବୈଠକରେ ଯୋଗଦାନ ସମ୍ପର୍କରେ ପ୍ରଶ୍ନର ଉତ୍ତର ଦିଗବିଜୟ ସିଂହ ଦେଇଥିଲେ । ସେ କହିଥିଲେ ଯେ ଟିଏମସି ଇଣ୍ଡି ମେଣ୍ଟରେ ଆମ ସହିତ ଥିଲା ଏବଂ ଆମ ସହିତ ନଥିଲା । ଟିଏମସି ବିଭାଜନ ସମ୍ପର୍କରେ ସେ କହିଥିଲେ, ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ଟିଏମସି ଏତେ ବର୍ଷ ଧରି କ୍ଷମତାରେ ରହିଲା, ତଥାପି ଏହା ଏବେ କିପରି ବିଭାଜିତ ହେଉଛି ? ଏହା ଉଲ୍ଲେଖନୀୟ ଯେ ମେ ୩୦ ତାରିଖରେ ସୋନାରପୁରରେ ଟିଏମସି ମହାସଚିବ ଅଭିଷେକ ବାନାର୍ଜୀଙ୍କ ଉପରେ ଅାକ୍ରମଣ ପରେ, ଇଣ୍ଡି ମେଣ୍ଟର ପ୍ରାୟ ସମସ୍ତ ପ୍ରମୁଖ ନେତା ପ୍ରତିକ୍ରିୟା ପ୍ରକାଶ କରିଥିଲେ ଏବଂ ସୋସିଆଲ ମିଡିଆରେ ସେମାନଙ୍କର ସମର୍ଥନ ପ୍ରକାଶ କରିଥିଲେ । ଏହି ସମୟରେ, ଡିଏମକେ ଜୁନ୍ ୮ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଇଣ୍ଡି ମେଣ୍ଟ ବୈଠକରେ ଯୋଗ ଦେବାକୁ ମନା



କରିଦେଇଛି। ଏହି ପ୍ରଶ୍ନରେ ଦିଗବିଜୟ ସିଂହ କହିଛନ୍ତି, ଡିଏମକେ ଇଣ୍ଡି ମେଣ୍ଟକୁ ଦୃଢ଼ ସମର୍ଥନ କରିଥିଲା । ମୁଁ ତାମିଲନାଡୁରେ ଘଟିଥିବା ଘଟଣା ଉପରେ ମତାମତ ଦେବାକୁ ଚାହୁଁନାହିଁ । ଏହି ବିଷୟରେ ଲୋକଙ୍କର ଭିନ୍ନ ଭିନ୍ନ ମତ ରହିଛି । ସେ ଆହୁରି କହିଛନ୍ତି, ଡିଏମକେ ସହିତ ଆମର ଭଲ ଅନୁଭୂତି ଅଛି, ତେଣୁ ସେମାନେ ଇଣ୍ଡି ମେଣ୍ଟରେ ରହିବା ଉଚିତ। କାରଣ ଇଣ୍ଡି ମେଣ୍ଟ କଂଗ୍ରେସର ନୁହେଁ। ଏହା ବିଜେପି ଏବଂ ଏହାର ବିଚାରଧାରା ବିରୁଦ୍ଧରେ ଏକ ମେଣ୍ଟ । ଡିଏମକେ ବିଜେପିର ବିଚାରଧାରା ବିରୁଦ୍ଧରେ, ତେଣୁ ସେମାନେ ବୈଠକରେ ଅଂଶଗ୍ରହଣ କରିବା ଉଚିତ ।

# ବିଜେପି ଛାଡ଼ିବା ପରେ ନିଜର ନୂଆ ଆନ୍ଦୋଳନ ଘୋଷଣା କଲେ କେ ଅନ୍ନାମଲାଇ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):** କେ ଅନ୍ନାମଲାଇ ବିଜେପି ଛାଡ଼ିବା ପରେ ନିଜର ନୂଆ ଆନ୍ଦୋଳନ ଘୋଷଣା କରିଛନ୍ତି। ଏହି ଆନ୍ଦୋଳନ ଶେଷରେ ଏକ ରାଜନୈତିକ ଦଳରେ ପରିଣତ ହେବ ଓ ତାମିଲନାଡୁରେ ପରବର୍ତ୍ତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ଅନ୍ନାମଲାଇ କହିଛନ୍ତି । ଅନ୍ନାମଲାଇ 'ଅନ୍ନାମଲାଇ ମକ୍କାଲ ଇୟାକକମ୍ (ଏଏମ୍ଆଇ)' ଆନ୍ଦୋଳନ କରିବାକୁ ଘୋଷଣା କରିଥିବାବେଳେ 'କଲ୍ଟ ପଲିଟିକ୍ସ' ବା 'ବ୍ୟକ୍ତି ପୂଜା ରାଜନୀତି'କୁ ବିରୋଧ କରିଛନ୍ତି। ଅନ୍ନାମଲାଇ କହିଛନ୍ତି, ଆମେ ଏକ ରାଜନୈତିକ ଆନ୍ଦୋଳନ ଆରମ୍ଭ



କରିବୁ । ଆମେ ପରବର୍ତ୍ତୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବୁ, ଯାହା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡିବ । ପୂର୍ବତନ ଆଇପିଏସ ଅଧିକାରୀ ଏକ ଭିଡିଓ ବାର୍ତ୍ତାରେ ଏହା କହିଛନ୍ତି । ସେ ତାଙ୍କ ସଙ୍ଗଠନ କେଉଁ ଆଦର୍ଶରେ ଆଧାରିତ ହେବ ତାହାର ଏକ ଝଲକ ମଧ୍ୟ ଦେଇଥିଲେ । ପାରିବାରିକ ଓ ବ୍ୟକ୍ତି ପୂଜା ରାଜନୀତି ବଦଳରେ ସାଧାରଣ ଲୋକଙ୍କୁ ରାଜନୀତିକୁ ଆଣିବାକୁ ପଡ଼ିବ ବୋଲି ଅନ୍ନାମଲାଇ କହିଛନ୍ତି । କର୍ଣ୍ଣାଟକରେ କାର୍ଯ୍ୟ କରିଥିବା ଜଣେ ପୂର୍ବତନ ଆଇପିଏସ୍ ଅଧିକାରୀ ଅନ୍ନାମଲାଇ ୨୦୧୯ ମସିହାରେ 'ୱି ଦି ଲିଡର୍ସ ଫାଉଣ୍ଡେସନ୍' ନାମକ ଏକ ସଂଗଠନ ଚଲାଇବା ପାଇଁ ଚାକିରି ଛାଡି ଦେଇଥିଲେ । ତାଙ୍କର ନୂତନ ଆନ୍ଦୋଳନର ଅଧିକାଂଶ ସ୍ୱେଚ୍ଛାସେବକ ସମ୍ଭବତଃ ଏହି ସଂଗଠନର ହେବେ । ସେ ୨୦୨୦ ମସିହାରେ ବିଜେପିରେ ଯୋଗ ଦେଇଥିଲେ ଓ ଗୋଟିଏ ବର୍ଷ ମଧ୍ୟରେ ତାଙ୍କୁ ବିଜେପି ରାଜ୍ୟ ସଭାପତି କରାଯାଇଥିଲା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମକେ ସରକାର ବିରୋଧରେ ତାଙ୍କର ଆକ୍ରମଣାତ୍ମକ ଅଭିଯାନ ଓ ପଦଯାତ୍ରା ଦକ୍ଷିଣ ଭାରତୀୟ ରାଜ୍ୟରେ ବିଜେପିର ଉପସ୍ଥିତିକୁ ବୃଦ୍ଧି କରିଥିଲା। ୨୦୨୬ ତାମିଲନାଡୁ ନିର୍ବାଚନ ପାଇଁ ଏଆଇଏଡିଏମକେ ସହିତ ମେଣ୍ଟ କରିବା ପାଇଁ ବିଜେପିର ନିଷ୍ପତ୍ତିକୁ ନେଇ ଅନ୍ନାମଲାଇଙ୍କ ସହିତ ମତଭେଦ ସୃଷ୍ଟି କରିଥିଲା । ବିଜେପି ଏକୁଟିଆ ନିର୍ବାଚନ ଲଢୁ ବୋଲି ଅନ୍ନାମଲାଇ ଚାହୁଁଥିଲେ ।

# ଭାରତ ସହ ରାଜିନାମା ନେଇ ଟ୍ରମ୍ପ ଆଶାବାଦୀ

**ନୂଆଦିଲ୍ଲୀ,୫।୬(ଏଜେନ୍ସି):** ଭାରତ ସହ ଖୁବ୍ଶୀଘ୍ର ବାଣିଜ୍ୟ ରାଜିନାମା ହେବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି । ଚଢା ଟିକସ ଲଗାଉଥିବା ଭାରତକୁ ସମାଲୋଚନା କରିବାକୁ ସେ ଭୁଲିନାହାନ୍ତି । ସେ କହିଛନ୍ତି ଯେ ବର୍ଷ ବର୍ଷ ଧରି ଭାରତ ଅାମର ଫାଇଦା ଉଠାଉଥିଲା । ଆମେ ଉପରେ ସେମାନେ ଚା ଟିକସ ଲଗାଇଥିଲେ, କିନ୍ତୁ କିଛି ବି ଦେଉନଥିଲେ । ଏବେ କିନ୍ତୁ ତାହା ବଦଳିଛି । ଆମେ ଭାରତ ମାଧ୍ୟମରେ ଅାୟ କରିପାରୁଛୁ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପସନ୍ଦ କରୁଥିବା ଟ୍ରମ୍ପ କହିବା ସହ ସେ ମୋର ଜଣେ ଭଲ ବନ୍ଧୁ ବୋଲି କହିଛନ୍ତି। ଆମ ଭିତରେ ସମ୍ପର୍କ ବହୁତ ଭଲ ଅଛି ବୋଲି ହ୍ୱାଇଟ୍ ହାଉସରେ ଗଣମାଧ୍ୟମ ସହ ଅାଲୋଚନା ବେଳେ ଟ୍ରମ୍ପ କହିଛନ୍ତି । ସେ ପୁଣି ଥରେ ସେହି ପୁରୁଣା ହାର୍ଲି ଡେଭିଡ୍ସନ୍ ଟିକସ ପ୍ରସଙ୍ଗ ଉଠାଇ କହିଥିଲେ ଯେ ଭାରତ ତାହା ଉପରେ ୨୦୦ ପ୍ରତିଶତ ଟିକସ ଲଗାଇଥିଲା। ତେଣୁ ସେମାନେ ବାଧ୍ୟ ହୋଇ ଭାରତରେ ସେମାନଙ୍କ କାରଖାନା ବସାଇଥିଲେ । ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କିନ୍ତୁ ସେହି ଘଟଣା ମୋ ପୂର୍ବ ସରକାର ସମୟରେ ଘଟିଥିଲା ବୋଲି ଟ୍ରମ୍ପ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଭାରତ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନାକୁ ନେଇ କଥାବାର୍ତ୍ତା ଜାରି ରହିଛି । ଆମେରିକା ପ୍ରତିନିଧି ଭାରତ ଆସି ଆଲୋଚନା କରୁଛନ୍ତି । ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର କହିଥିଲେ ଯେ ରାଜିନାମାର ୯୯ ପ୍ରତିଶତ ଚୂଡ଼ାନ୍ତ ହୋଇସାରିଛି । ଅବଶିଷ୍ଟ ୧ ପ୍ରତିଶତର ମୁଲଚାଲ ଚାଲିଛି । ସେଗୁଡ଼ିକୁ କିନ୍ତୁ ବେଷୟିକ ବିଷୟ ବୋଲି ସେ କହିଥିଲେ। ଏକ ଅନ୍ତରୀଣ ବାଣିଜ୍ୟ ବୁଝାମଣା ଫ୍ରେମ୍ୱର୍କ ସମ୍ପର୍କରେ ଉଦୟ ଦେଶ ଗତ ଫେବ୍ରୁଆରି ୭ରେ ଘୋଷଣା କରିଥିଲେ । କିନ୍ତୁ ଏହାର କିଛିଦିନ ପରେ ଟ୍ରମ୍ପ ଲଗାଇଥିବା ଶୁଳ୍କକୁ ଆମେରିକା ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ତାପରେ ଟ୍ରମ୍ପ ଲଗାଇଥିବା ଆଉ ୧୦ ପ୍ରତିଶତ ଶୁଳ୍କକୁ ମଧ୍ୟ ଅନ୍ୟ ଏକ କୋର୍ଟ ବେଆଇନ ବୋଲି କହିଛନ୍ତି । ଶୁଳ୍କକୁ ନେଇ ଏଭଳି ଅନିଶ୍ଚିତତା ମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଜାରି ରହିଛି । ଗତବର୍ଷ ଭାରତ ଉପରେ ଟ୍ରମ୍ପ ୨୫ ପ୍ରତିଶତ ପାଲଟା ଶୁଳ୍କ ଏବଂ ରୁଷରୁ ତେଲ କିଣୁଥିବାରୁ ୨୫ ପ୍ରତିଶତର ଜରିମାନା ଶୁଳ୍କ ଲଗାଇଥିଲେ । ଚଳିତ ବର୍ଷ କିନ୍ତୁ ପାଲଟା ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବା ସହ ଜରିମାନା ବାବଦ ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଥିଲେ ।









## ୟେଜ୍‌ଦି ସ୍କ୍ରାମ୍ବଲର ୩୫୦ ଓ ବିଏସଏ ସ୍କ୍ରାମ୍ବଲର ୬୫୦ ଏବେ ଭୁବନେଶ୍ୱର ଏବଂ ବାରିପଦାରେ ଉପଲବ୍ଧ

**ଭୁବନେଶ୍ୱର, ୫।୬ (ନି.ପ୍ର) :** ୟେଜଦି ଏବଂ ବିଏସଏ ପକ୍ଷରୁ ନୂତନ ସ୍କ୍ରାମ୍ବଲର୍‌ର ରିଟେଲ୍ ର ଶୁଭାରମ୍ଭ କରାଯାଇଛି ଯାହା ଏବେ ବାରିପଦାରେ କମ୍ପାନୀର ଅଧିକୃତ ଡିଲରସିପ୍‌ରେ ଉପଲବ୍ଧ ହେଉଛି। ମୂଳ ସ୍କ୍ରାମ୍ବଲର ଲିନିଏଜ୍ ସହିତ ଉଭୟ ବ୍ରାଣ୍ଡ ରାଇଡରଙ୍କ ପାଇଁ ଭିନ୍ନ ଭିନ୍ନ ମୂଲ୍ୟରେ ଦୁଇଟି ଭିନ୍ନ ମୋଟରସାଇକେଲ୍ ଆଣିଛନ୍ତି। ୟେଜଦି ସ୍କ୍ରାମ୍ବଲର ୩୫୦ ଏବଂ ବିଏସଏ ସ୍କ୍ରାମ୍ବଲରରେ ୬୫୦ ଉଦ୍ଦେଶ୍ୟ-ନିର୍ମିତ ପାୱାରଟ୍ରେନ୍ ଏବଂ ଦୃଢ଼, ମ୍ୟାଗନେଟିକ୍ ଡିଜାଇନ୍ ରହିଛି। ଭାରତର ସବୁଠାରୁ ହାଲୁକା ୩୫୦ ସିସି ସ୍କ୍ରାମ୍ବଲର ଭାବେ ୟେଜଦି ସ୍କ୍ରାମ୍ବଲରକୁ ସହରାଂଚଳ ଯାତ୍ରା ଏବଂ ୱିକେଣ୍ଡ ଯାତ୍ରା ପାଇଁ ନିର୍ମାଣ କରାଯାଇଛି। ଏହାର ନୂତନ ଲିକୁଇଡ୍-କୁଲ୍‌ଡ଼ କତାର ଇନ୍ ହେଉଛି ମୋଟରସାଇକେଲର କାର୍ଯ୍ୟକ୍ଷମ ଏବଂ ଗଠନମୂଳକ କେନ୍ଦ୍ରବିନ୍ଦୁ। ଏହାର ପ୍ରାରମ୍ଭିକ ମୂଲ୍ୟ ୧,୯୯,୯୫୦ ଟଙ୍କା ରହିଛି। ସେହିପରି ବିଏସଏ ସ୍କ୍ରାମ୍ବଲର ୬୫୦, ଏହି ସେଗମେଂଟରେ ଭାରତର ଏକମାତ୍ର ୬୫୦ ସିସି ସିଙ୍ଗଲ୍-ସିଲିଣ୍ଡର ଇଞ୍ଜିନ୍ ଦ୍ୱାରା ପରିଚାଳିତ। ଏହା ବିଏସଏର ବିଶ୍ୱ ପ୍ରସିଦ୍ଧ ସ୍କ୍ରାମ୍ବଲର, ଗୋଲ୍ଡ ଷ୍ଟାର କାଟାଲିନା, ଏ୧୦ ସ୍ପିଟ୍ ଫାୟାର ଏବଂ ଏ୬୫ ଫାୟାରବର୍ଡ ଭଳି ଐତିହାସିକ ଆଇକନଗୁଡ଼ିକରୁ ଏହାର ବେସ୍ପୋକ୍ ଡିଜାଇନ୍ ଗ୍ରହଣ କରିଛି। ଏହି ମୋଟରସାଇକେଲ୍‌ର ପ୍ରାରମ୍ଭିକ ମୂଲ୍ୟ ୩,୨୪,୯୫୦ ଟଙ୍କା ରହିଛି।

ଏସମ୍ପର୍କରେ କ୍ଲାସିକ ଲିଜେଣ୍ଡସର ସହ-ପ୍ରତିଷ୍ଠାତା ଶ୍ରୀଯୁକ୍ତ ଅନୁପମ ଥରେଜା କହିଛନ୍ତି, ‘ସ୍କ୍ରାମ୍ବଲର୍ସଗୁଡିକରେ ମୋଟରସାଇକେଲିଂର ଏସୟୁଭି ହେବାର କ୍ଷମତା ରହିଛି, ଯାହା ରାଇଡରମାନଙ୍କର ସେମାନଙ୍କ ମୋଟରସାଇକେଲରୁ ରହିଥିବା ଆଶାକୁ ସବୁଦିନ ପାଇଁ ପରିବର୍ତନ କରିଥାଏ। ଆମେ ଆଶା କରୁଛୁ ଯେ ଆତ୍ମବିଶ୍ୱାସପୂର୍ଣ୍ଣ ସହରୀ-ଚାଳନା ଏବଂ ତା’ଠାରୁ ଅଧିକ ପାଇଁ ଏବଂ ୟେଜଦି ଓ ବିଏସଏର ଡିଜାଇନ୍ ସିଗ୍ନେଚର ବହନ କରୁଥିବା ଏହି ମେସିନଗୁଡ଼ିକ, ସପ୍ତାହାନ୍ତରେ ବିଭିନ୍ନ ଭୂଭାଗ ଅନୁସନ୍ଧାନ କରିବା ପାଇଁ ବାରିପଦାବାସୀଙ୍କୁ ପ୍ରେରିତ କରିବ।

# ଚାନ୍ଦି ଭଣ୍ଡାର ଆଣିଛି ନୂଆ ସମ୍ଭାର ‘ଲିଲି ଅଫ୍ ଭ୍ୟାଲି’

**ଭୁବନେଶ୍ୱର,୫।୬ (ନି.ପ୍ର) :** ନାରୀତ୍ୱ, ପ୍ରକୃତି ଓ ପୃଥିବୀ ମାତାକୁ ପାଳନ କରୁଥିବା ଓଡ଼ିଶାର ପ୍ରମୁଖ ପର୍ବ ‘ରଜ’ରୁ ଅନୁପ୍ରାଣିତ ହୋଇ ଚାନ୍ଦି ଭଣ୍ଡାର ଆଣିଛି ଏକ ନୂଆ ସମ୍ଭାର

### ‘ରଜ’ରୁ ଅନୁପ୍ରାଣିତ ଷ୍ଟର୍ଲିଂ ସିଲ୍‌ଭର କଲେକ୍ସନ
### ଗଢ଼ା ମଜୁରିରେ ଫ୍ଲାଟ୍ ୩୦% ରିହାତି

‘ଲିଲି ଅଫ୍ ଭ୍ୟାଲି’। ଏହା ଏଭଳି ଏକ ସମ୍ଭାର, ଯାହାକି ନାରୀତ୍ୱ, ପରମ୍ପରା ଏବଂ ଜୀବନର ବିକାଶଶୀଳ ଯାତ୍ରାର ସୌନ୍ଦର୍ଯ୍ୟ ପ୍ରତି ଏକ ସମ୍ମାନ। ପ୍ରତିବର୍ଷ ଜୁନ୍‌ରେ ପାଳିତ ହେଉଥିବା ରଜ ଖୁସି, ଉଲ୍ଲାସ, ଦୋଳି ଏବଂ ପିଢ଼ି ପରେ ପିଢ଼ି ଚାଲୁଥିବା ପରମ୍ପରାର ଏକ ପ୍ରମୁଖ ଉତ୍ସବ। ନାରୀତ୍ୱକୁ ପାଳନ କରୁଥିବା ତଥା ପ୍ରକୃତିର ପୋଷଣ ଶକ୍ତିକୁ ସମ୍ମାନ ଦେଉଥିବା ଏହି ପର୍ବ ‘ଲିଲି ଅଫ୍ ଭ୍ୟାଲି’ ସମ୍ଭାରର ପ୍ରେରଣା। ଲିଲି ଅଫ୍ ଭ୍ୟାଲି ଫୁଲ ଏହାର କୋମଳ ଘଣ୍ଟି-ଆକୃତି ମୋଟିଭ୍‌ରେ ଫୁଟିଥାଏ। କଲେକ୍ସନରେ ଏହାକୁ ସେଣ୍ଟ୍ରାଲ ମୋଟିଭ୍ ଆକାରରେ ଚୟନ କରାଯାଇଛି, ଯାହାକି ଶୁଦ୍ଧତା, ଲାବଣ୍ୟ ଏବଂ ନୂତନ ଆରମ୍ଭର ପ୍ରତିଶ୍ରୁତିକୁ ଦର୍ଶାଉଛି। ରଜ ସମୟରେ ଫୁଟୁଥିବା ଲିଲି ଅଫ୍ ଭ୍ୟାଲି ଫୁଲର ସୁନ୍ଦରତାକୁ ୧୮ କ୍ୟାରେଟ୍ ଗୋଲ୍ଡ ପ୍ଲେଟିଂ ସହ ଅତ୍ୟନ୍ତ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଷ୍ଟର୍ଲିଂ ସିଲ୍‌ଭର ଅଳଙ୍କାରର ରୂପ ଦିଆଯାଇଛି। ଏହି ସମ୍ଭାରରେ ରହିଛି ଅତି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ନେକ୍‌ଲେସ୍, କାନଫୁଲ, ମୁଦି, ବ୍ରେସ୍‌ଲେଟ ଏବଂ ଷ୍ଟେଟ୍‌ମେଣ୍ଟ ପିସ୍, ଯାହାକି ଫୁଲର ପ୍ରାକୃତିକ ସୁନ୍ଦରତାରୁ ଅନୁପ୍ରାଣିତ। ସୂକ୍ଷ୍ମ ଫ୍ଲୋରାଲ ଡିଟେଲ, ପ୍ରବାହିତ ରେଖା ଏବଂ ହାଲୁକା ପେଷ୍ଟେଲ ରଙ୍ଗ ଏକତ୍ର ଭାବେ ଏଭଳି ଡିଜାଇନ୍ ପ୍ରସ୍ତୁତ କରୁଛି, ଯାହାକି ରତୁର ସତେଜତାକୁ ଦର୍ଶାଇଥାଏ ଏବଂ ଦୈନନ୍ଦିନ ଆଭୁଷଣ ସହ ସ୍ୱତନ୍ତ୍ର ଅବସରକୁ ମଧ୍ୟ ଖାପ ଖାଇଥାଏ। ଚାନ୍ଦି



ଭଣ୍ଡାର ମଧ୍ୟ ପୁରୁଷ ଏବଂ ପିଲାମାନଙ୍କ ପାଇଁ ଚିନ୍ତନଶୀଳ ଭାବେ ପ୍ରସ୍ତୁତ ସମ୍ଭାର ଉପଲବ୍ଧ କରୁଛି। ପୁରୁଷଙ୍କ ରୁପା ଗହଣା ଚାହିଦାକୁ ଦୃଷ୍ଟିରେ ରଖି ଆମୋଘ କଲେକ୍ସନ ଷ୍ଟୋରରେ ଉପଲବ୍ଧ, ଯେଉଁଥିରେ ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଏବଂ ଚେନ୍ ଆଦି ରହିଛି। ପିଲାମାନଙ୍କ ପାଇଁ କୌତୁକିଆ ଏବଂ ପ୍ରିମିୟମ ଷ୍ଟର୍ଲିଂ ରୁପା ଡିଜାଇନ ଉପଲବ୍ଧ। ଗହଣା ଏବଂ ପାରମ୍ପରିକ ରୁପା ଆଇଟମ୍ ସହିତ ପରିବର୍ଦ୍ଧିତ ଲାଇଫଷ୍ଟାଇଲ୍ ଉତ୍ପାଦ ଉପଲବ୍ଧ କରିଥାଏ ଚାନ୍ଦି ଭଣ୍ଡାର। ରୁପାରେ ପ୍ରସ୍ତୁତ ୱାଇନ୍ ଗ୍ଲାସ, ବଟଲ ଏବଂ ଅତି ସୁନ୍ଦର ଟି’ ସେଟ୍ ଦୈନନ୍ଦିନ ବ୍ୟବହାରରେ କେବଳ ରୁପାର ୱେଲନେସ୍ ଫାଇଦା ପ୍ରଦାନ କରି ନ ଥାଏ, ଏଗୁଡ଼ିକ ମଧ୍ୟ ଚିନ୍ତନଶୀଳ ଉପହାର ଭାବେ କାର୍ଯ୍ୟରେ ଆସିଥାଏ। ଉଡେନ ସିଲ୍‌ଭର-ୱାର୍କ ଟ୍ରେ ଏବଂ ସୁନ୍ଦର ଲାଇଫଷ୍ଟାଇଲ୍ ପିସ୍ ପ୍ରତ୍ୟେକ ଲିଭିଂ ସ୍ପେସ୍‌ରେ ଆନନ୍ଦ ଯୋଡ଼ିଥାଏ ଏବଂ ପ୍ରତ୍ୟେକ ଅବସର ପାଇଁ ଉପଯୁକ୍ତ ଉପହାର ବିକଳ୍ପ ଭାବେ କାର୍ଯ୍ୟ କରେ। ସ୍ୱତନ୍ତ୍ର ଲଞ୍ଚ ସେଲିବ୍ରେଶନ୍ ଭାବେ ଗ୍ରାହକ ଜୁନ୍ ୫ରୁ ୨୦ ଯାଏ ଗଢ଼ା ମଜୁରିରେ ଫ୍ଲାଟ୍ ୩୦ଧ ରିହାତି ପାଇବେ। ‘ଲିଲି ଅଫ୍ ଭ୍ୟାଲି’ କଲେକ୍ସନକୁ ଆବିଷ୍କାର କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏଭଳି ସମୟରେ ଏ ସମ୍ଭାରକୁ ଅଣାଯାଇଛି ଯେତେବେଳେ ଚାନ୍ଦି ଭଣ୍ଡାର ଓଡ଼ିଶାରେ ଏହାର ପଦଚିହ୍ନ ବିସ୍ତାର କରିଛି। ପୁରୀରେ ଚାନ୍ଦି ଭଣ୍ଡାର ଏହାର ୩୨ ତମ ଷ୍ଟୋର ଖୋଲିବାକୁ ଯାଉଛି। ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍‌ସା ହଂସ କୁହନ୍ତି, ଚାନ୍ଦି ଭଣ୍ଡାରରେ ପ୍ରତ୍ୟେକ ସମ୍ଭାର ଏକ କାହାଣୀ କୁହେ। ‘ଲିଲି ଅଫ୍ ଭ୍ୟାଲି’ ରଜ ଉତ୍ସବ ପାଇଁ ଉତ୍ସର୍ଗୀକୃତ। ଏହା ଏଭଳି ଏକ ପର୍ବ, ଯାହାକି ଓଡ଼ିଶା ସଂସ୍କୃତିରେ ସ୍ୱତନ୍ତ୍ର ସ୍ଥାନ ରଖିଛି। ଏ କଲେକ୍ସନ ମାଧ୍ୟମରେ ଆମେ ଏଭଳି ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଗହଣା ତିଆରି କରିବାକୁ ଲକ୍ଷ୍ୟ ରଖିଛୁ, ଯାହାକି ଉତ୍ସବର ଭାବନାକୁ ବଳବତ୍ତର ରଖିବା ସହ ଲୋକଙ୍କୁ କିଛି ଏଭଳି ସୁନ୍ଦର ଆଭୁଷଣ ପ୍ରଦାନ କରିବ, ଯାହାକୁ ସେମାନେ ସଜାଇ ରଖିବେ ଓ ରଜ ସ୍ମୃତିକୁ ତାଜା ରଖିବେ। ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ୩୨ରେ ପହଞ୍ଚିଛି। ଭୁବନେଶ୍ୱରର ରଘୁନାଥପୁର, ସହିଦ ନଗର, ପଟିଆ, ରସୁଲଗଡ, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ, ଲୁଇସ୍ ରୋଡ୍, ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରି, ଖୋର୍ଦ୍ଧା, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ସିଡିଏ ଏବଂ ଲିଙ୍କ୍ ରୋଡ୍, ରାଉରକେଲା, ଅନୁଗୁଳର ଅମଲାପଡ଼ା ଏବଂ ଗାନ୍ଧି ମାର୍ଗ ଛକ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢ଼େଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୟାଗଡ଼, ବଲାଙ୍ଗୀର, ଭଦ୍ରକ, ପୁରୀ ଏବଂ ରାୟପୁରର ଭିଆଇପି ରୋଡ୍ ଓ ପଣ୍ଡ୍ରିରେ ଏହାର ଷ୍ଟୋର ରହିଛି। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭ୍ୟାଲ୍ୟୁ ଫର ମନି ଏବଂ ହଲମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଅନ୍ତର୍ଭୁକ୍ତିମୂଳକ ବିକାଶର ମାଇଲଖୁଂଟ ହାସଲ କରିଛି

**ଝାରସୁଗୁଡା, ୫।୬ (ନି.ପ୍ର) :** ଗୌରବର ମାସ ପାଳନ ଆରମ୍ଭ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ଝାରସୁଗୁଡା ପ୍ଲାଣ୍ଟ କାର୍ଯ୍ୟରେ ଏକ ବିବିଧ ଏବଂ ଅନ୍ତର୍ଭୁକ୍ତିମୂଳକ କର୍ମକ୍ଷେତ୍ର ନିର୍ମାଣ ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଗୌରବର ମାସ ୨୦୨୬ ଥିମ୍, ’ଆମ ସମସ୍ତଙ୍କ ପାଇଁ’ ସହିତ ସଂଯୁକ୍ତ, ଯାହା ବ୍ୟକ୍ତିମାନେ ଯେଉଁଠାରେ ରହିପାରିବେ ଏବଂ ମର୍ଯ୍ୟାଦା ଏବଂ ସତ୍ୟତା ସହିତ କାମ କରିପାରିବେ ସେଠାରେ ସ୍ଥାନ ସୃଷ୍ଟି କରିବାର ଗୁରୁତ୍ୱକୁ ଆଲୋକିତ କରିଛି, କମ୍ପାନୀ ଏହାର କାର୍ଯ୍ୟରେ ଅନ୍ତର୍ଭୁକ୍ତିମୂଳକ ନିଯୁକ୍ତି, ସମାନ ଅଭ୍ୟାସ ଏବଂ ସମ୍ମାନର ସଂସ୍କୃତି ମାଧ୍ୟମରେ ଦଳ ବିବିଧତାକୁ ସୁଦୃଢ଼ କରୁଛି। ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ, ଏହି ପ୍ରତିବଦ୍ଧତା ଏହାର ଦଳଗୁଡ଼ିକର ବିବିଧ ଗଠନରେ ପ୍ରତିଫଳିତ ହୋଇଛି। ପ୍ଲାଂଟର କର୍ମଚାରୀଙ୍କ ମଧ୍ୟରୁ ୨୧% ମହିଳା, ପଟ୍ଲାଇନ୍ ପରିଚାଳନା, ରକ୍ଷଣାବେକ୍ଷଣ, ଇଞ୍ଜିନିୟରିଂ ଏବଂ ବିଦ୍ୟୁତ୍ ପରିଚାଳନା ଏବଂ ନେତୃତ୍ୱ ଭୂମିକା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିବ। କମ୍ପାନୀ ସୁରକ୍ଷା, ଷ୍ଟୋରକିପିଂ, ହାଉସକିପିଂ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ସମେତ ବିଭିନ୍ନ ଭୂମିକାରେ ୧୯ ଜଣ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତି ଦେଇଛି। ଏହି ମାଇଲଖୁଂଟ ଗୁଡ଼ିକ ପୁରୁଷ ପ୍ରାଧାନ୍ୟ ଭାବରେ ପରିଗଣିତ ଏକ କ୍ଷେତ୍ରରେ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ ଏବଂ ଅନ୍ତର୍ଭୁକ୍ତ କର୍ମଶକ୍ତି ଗଠନ ଦିଗରେ ଏକ ସ୍ଥିର ପରିବର୍ତନକୁ ଚିହ୍ନିତ କରେ। ବେଦାନ୍ତ ଆଲୁମିନିୟମ୍ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କ ପାଇଁ ଉନ୍ନତ ଜୀବନ ଗୁଣବତା ସମର୍ଥନ କରିବା ଏବଂ ପ୍ରଗତି ପାଇଁ ସମାନ ସୁଯୋଗ ସକ୍ଷମ କରିବା ପାଇଁ ପ୍ରଗତିଶୀଳ ନୀତି ଏବଂ ବ୍ୟବସ୍ଥା ପ୍ରଚଳନ କରିଛି। ଏଥିରେ ଏକ




ବ୍ୟାପକ ଲିଙ୍ଗ ନିଶ୍ଚିତକରଣ ନୀତି ଅ’ର୍ଭୁକ୍ତ ଯାହା କର୍ମଚାରୀମାନଙ୍କୁ ସେମାନଙ୍କ ପରିବର୍ତନ ଯାତ୍ରାରେ ସମର୍ଥନ କରେ, ଲିଙ୍ଗ ପୁନଃନିଯୁକ୍ତି ପ୍ରକ୍ରିୟା ପାଇଁ ଟ.୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ସହିତ ୩୦ ଦିନର ବେତନ ଛୁଟି ଏବଂ ଡାକ୍ତରୀ ମାର୍ଗଦର୍ଶନର ପ୍ରବେଶ ସହିତ ଗୁଣାତ୍ମକ ବାସସ୍ଥାନ ସୁରକ୍ଷିତ କରିବାରେ ଏଲଜିବିଟିକ୍ୟୁଆଇଏ+ ବ୍ୟକ୍ତିବିଶେଷଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜକୁ ଚିହ୍ନଟ କରି, କମ୍ପାନୀ ସେମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ସୁବିଧା ମଧ୍ୟ ସୁନିଶ୍ଚିତ କରିଛି। ଏହି ପ୍ରୟାସଗୁଡ଼ିକର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ‘ଏକ ବିବିଧ କର୍ମଶକ୍ତି ବ୍ୟାପକ ଦୃଷ୍ଟିକୋଣ ଆଣିଥାଏ ଏବଂ ନିଷ୍ପତି ଗ୍ରହଣକୁ ସୁଦୃଢ଼ କରିଥାଏ। ଅନ୍ତର୍ଭୁକ୍ତିକରଣ ଏକ ମୁଖ୍ୟ ବ୍ୟବସାୟିକ ପ୍ରାଥମିକତା ଯାହା ଆଧୁନିକ ସଂଗଠନଗୁଡ଼ିକୁ ସ୍ଥିର ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାକୁ ସକ୍ଷମ କରିଥାଏ। ଆମେ ଏକ ଏପରି କର୍ମକ୍ଷେତ୍ର ନିର୍ମାଣ କରିବାକୁ ପ୍ରତିବଦ୍ଧ ଯେଉଁଠାରେ ପ୍ରତ୍ୟେକ ବୃତିଗତ ସମ୍ମାନ ଏବଂ ମୂଲ୍ୟବାନ ଅନୁଭବ କରିବେ ଏବଂ ଆମର ସହଭାଗୀ ସଫଳତାରେ ଯୋଗଦାନ ଦେବା ପାଇଁ ସମାନ ସୁଯୋଗ ସହିତ ସଶକ୍ତ ହେବେ। ବେଦାନ୍ତ ଆଲୁମିନିୟମ ମୁଖ୍ୟ ଉତ୍ପାଦନ ଭୂମିକାରେ ମହିଳାମାନଙ୍କର ଅଂଶଗ୍ରହଣକୁ ଆଗକୁ ବଢାଇବାରେ ସର୍ବାଗ୍ରେ ରହିଛି। ଏହା ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପଟ୍ଲାଇନ୍ ଦଳ, ଏକ ସମ୍ପୂର୍ଣ୍ଣ ମହିଳା .ଲୋକୋମୋଟିଭ୍ ଦଳ ଏବଂ ସମ୍ପ୍ରତି, ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ପରିଚାଳନା ଦଳ ଯାହା ୧୩୫ ଗଡ ୟୁନିଟ୍ ପରିଚାଳନା କରୁଛି। ଏହା ବ୍ୟତୀତ, ଅଗ୍ନିବାହିନୀ ଭଳି ପଦକ୍ଷେପ, ୧୦୦ ରୁ ଅଧିକ ପ୍ରଶିକ୍ଷିତ ସଦସ୍ୟଙ୍କ ସହିତ ଏକ ସମ୍ପୂର୍ଣ୍ଣ ମହିଳା ଅଗ୍ନି ଜରୁରୀକାଳୀନ ପ୍ରତିକ୍ରିୟା ଦଳ, ପ୍ଲାଂଟରେ ମହିଳାମାନେ କିପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ଦାୟିତ୍ୱ ଗ୍ରହଣ କରୁଛନ୍ତି ତାହା ଆହୁରି ପ୍ରଦର୍ଶନ କରେ। ଅନ୍ତର୍ଭୁକ୍ତିକରଣ ପ୍ରତି ଏହାର ପ୍ରତିବଦ୍ଧତା କାର୍ଯ୍ୟ ବାହାରକୁ ଯାଇ ସାମୁଦାୟିକ ବିକାଶ ପର୍ଯ୍ୟନ୍ତ ବିସ୍ତାରିତ, ଯେପରିକି ପ୍ରକଳ୍ପ ନନ୍ଦ ଘର, ଯାହା ମହିଳା ଏବଂ ଶିଶୁ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶାରେ ୬୩୦ରୁ ଅଧିକ ଆଧୁନିକ ଅଙ୍ଗନୱାଡ଼ି ପ୍ରତିଷ୍ଠା କରିଛି, ଏବଂ ଶୁଭଲକ୍ଷ୍ମୀ ସମବାୟ, ଯାହା ଝାରସୁଗୁଡ଼ାର ୫୦୦୦ରୁ ଅଧିକ ମହିଳାଙ୍କୁ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରି ବ୍ୟାପକ ସାମାଜିକ ସଶକ୍ତିକରଣରେ ଯୋଗଦାନ ଦେଉଛି।

## ବୁଗୁଡ଼ା ବସଷ୍ଟାଣ୍ଡ ପଛପଟ ଅନ୍ଧାର
# ଜମୁଛି ମଦ୍ୟପାନର ଆସର, ପ୍ରତିକାର ଦାବି

**ବୁଗୁଡା, ୫।୬ (ନି.ପ୍ର) :** ସଞ୍ଜ ନଇଁଲେ ବୁଗୁଡା ବସଷ୍ଟାଣ୍ଡ ପଛପଟରେ ଘୋଟି ଯାଉଛି ଅନ୍ଧକାର। ଏହାର ସୁଯୋଗ ନେଇ ସେଠାରେ ଜମି ଯାଉଛି ମଦ୍ୟପାନର ଆସର। ଫଳରେ ବସଷ୍ଟାଣ୍ଡ ପଛପଟକୁ କେହି ଯିବାକୁ ସୁବିଧା ମଣୁ ନାହାନ୍ତି। ଏହି ସମସ୍ୟା ଦେଖା ଦେଇଥିଲେ ବି ପ୍ରତିକାର ବ୍ୟବସ୍ଥା ହୋଇପାରୁ ନଥିବା ଅଭିଯୋଗ ହେଉଛି। ପୂର୍ବରୁ ବସଷ୍ଟାଣ୍ଡ ପଛପଟରେ ଆଲୋକ ବ୍ୟବସ୍ଥା ରହୁଥିଲା ଏବଂ ଲୋକେ ପଛପଟେ ଥିବା ଛୋଟ ପାର୍କଟିର କଡେ କଡେ ବୁଲାବୁଲି କରୁଥିଲେ। ଏବେ କିନ୍ତୁ ସେଭଳି ସୁବିଧା ମିଳୁନି। ଏହାର ସୁଯୋଗ ନେଇ ସେଠାରେ ପଡିଥିବା ସିମେଣ୍ଟ ଚେୟାର ନିକଟରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ଏହା



ଲୋକଙ୍କୁ ଅସହଜ ଲାଗୁଛି। ଏହାର ପ୍ରତିକାର ପାଇଁ ଏନ୍ଏସି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ ସାଙ୍ଗକୁ ପୋଲିସ ପେଟ୍ରୋଲିଂ କରିବା ହେଉ ବୋଲି ସାଧାରଣରେ ଦାବି ହେଉଛି।

# ଡାଲମିଆ ଭାରତ ପକ୍ଷରୁ ‘ବିଶ୍ୱ ପରିବେଶ ଦିବସ’ ପାଳନ

**କଟକ,୫।୬ (ନି.ପ୍ର) :** ଏକ ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରି, ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ସଂସ୍ଥା ଡାଲମିଆ ଭାରତ ଲିମିଟେଡ୍ ପକ୍ଷରୁ କଟକରେ ବିଶ୍ୱ ପରିବେଶ ସପ୍ତାହ-୨୦୨୬ ପାଳନ ହୋଇଛି। ପରିବେଶ ସୁରକ୍ଷା, ସ୍ଥାୟୀ ତଥା ନିରନ୍ତର ଜୀବନ ଶୈଳୀ ଏବଂ ଜଳବାୟୁ ପ୍ରତି ଦାୟିତ୍ୱବୋଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ପାନୀ କର୍ମଚାରୀ ଓ ସ୍ଥାନୀୟ ସଦସ୍ୟଙ୍କ ସହିତ ମୋଟ ୭୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପାଳନ ଅବସରରେ କମ୍ପାନୀ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସବୁଜିମାର ବୃଦ୍ଧି କରିବା ସହ ଦୀର୍ଘକାଳୀନ ପରିବେଶୀୟ ସ୍ଥାୟିତ୍ୱକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସମୁଦାୟ ୧୦୦ଟି ଚାରା ରୋପଣ କରାଯାଇଥିଲା। ବର୍ଜ୍ୟ ବସ୍ତୁ ହ୍ରାସ, ପରିଷ୍କାର ପରିବେଶ ଗଢ଼ି ତୋଳିବା ଏବଂ ସାମୁହିକ ପରିବେଶ ସୁରକ୍ଷା ଚେତନାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପଗୁଡ଼ିକର କାର୍ଯ୍ୟନ୍ୱୟନ କରାଯାଇଥିଲା। ଏହି ଅବସରରେ କପିଳାସ ସିମେଣ୍ଟ ୱାର୍କସ୍ ?ର ୟୁନିଟ୍ ହେଡ୍ ଦେବୀ ପ୍ରସାଦ ଦାସ କହିଥିଲେ, ‘ଏକ ସୁଦୃଢ଼ ସମାଜ ଏବଂ ସ୍ଥାୟୀ ଭବିଷ୍ୟତର ନିର୍ମାଣ ପାଇଁ ପରିବେଶର ସୁରକ୍ଷା ଅତ୍ୟନ୍ତ ଅପରିହାର୍ଯ୍ୟ। ଡାଲମିଆ ଭାରତରେ, ଆମେ ଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଏବଂ ଗୋଷ୍ଠୀ ସହଭାଗିତା ମାଧ୍ୟମରେ ଦୀର୍ଘକାଳୀନ ଭିତ୍ତିରେ ପରିବେଶ ତଥା ସାମାଜିକ ମୂଲ୍ୟବୋଧ ସୃଷ୍ଟି କରିବାକୁ ସଦାସର୍ବଦା ପ୍ରତିବଦ୍ଧ। ବିଶ୍ୱ ପରିବେଶ ଦିବସ ଆମକୁ ଏହି ପ୍ରତିବଦ୍ଧତାକୁ ଦୋହରାଇବା ଏବଂ ସମସ୍ତଙ୍କ ପାଇଁ ଏକ ସବୁଜ ଓ ଅଧିକ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ଅନୁପ୍ରାଣିତ କରେ।



# ଆରଏସପିଏଲ ର ୫୦ ବର୍ଷ ପୂର୍ତ୍ତି ପାଳନ

**ଭୁବନେଶ୍ୱର, ୫।୬ (ନି.ପ୍ର) :** ଭାରତର ଅଗ୍ରଣୀ ଏଫଏମସିଜି କମ୍ପାନୀ ଆରଏସପିଏଲ ଗ୍ରୁପ ଏହାର ପରିଚାଳନାର ୫୦ ବର୍ଷ ପୂରଣ କରିଛି। ବିଗତ ଦଶନ୍ଧିଗୁଡିକରେ କମ୍ପାନୀ ଦେଶରେ ୨୪ରୁ ଅଧିକ ପ୍ଲାଂଟ ସହିତ ଘରୋଇ ଉତ୍ପାଦନ କ୍ଷମତାକୁ ମଜବୁତ କରି ନିଜର ’ମେଡ ଇନ ଇଣ୍ଡିଆ, ଫର ଇଣ୍ଡିଆ’ ଆଭିମୁଖ୍ୟକୁ ପ୍ରମାଣିତ କରିଆସିଛି। ଏହି ସଫଳତାକୁ ପାଳନ କରିବା ପାଇଁ ଆରଏସପିଏଲ ଗ୍ରୁପ ପକ୍ଷରୁ ଏକ କ୍ଷୁଦ୍ର ଚଳଚିତ୍ର ଉନ୍ମୋଚନ କରାଯାଇଛି ଯାହା ଏହାର ଯାତ୍ରା, ମୂଲ୍ୟବୋଧ ଓ ବିକଶିତ ଦୃଷ୍ଟିକୋଣକୁ ଜୀବନ୍ତ କରିଛି। ଏହାକୁ ପ୍ରଖ୍ୟାତ ଅଭିନେତା ଓ ଚଳଚିତ୍ର ନିର୍ମାତା ରଜତ କପୁର ବ୍ୟାଖ୍ୟା କରିଛନ୍ତି, ଭାରତ ସହ ବିକଶିତ ହୋଇଥିବା ଏକ ବ୍ରାଣ୍ଡର ଉତ୍ସାହକୁ କ୍ୟାପ୍‌ଚର କରିଛନ୍ତି। ଏହାର ଫ୍ଲାଗସିପ ବ୍ରାଣ୍ଡ ଘଡି ଡିଟରଜେଂଟ ପାଇଁ ଭିତିପ୍ରସ୍ତର ସ୍ଥାପନ ହେବା ପରଠାରୁ ଏହି ଗ୍ରୁପ ପରିଚାଳନାର ୫ ଦଶନ୍ଧି ପୂରଣ କରିଛି, ଯାହାକୁ ଶ୍ରୀ ମୁରଲୀଧର ଜ୍ଞାନଚନ୍ଦାନି ଓ ଶ୍ରୀ ବିମଳ କୁମାର ଜ୍ଞାନଚନ୍ଦାନିଙ୍କ ଦ୍ୱାରା ଉତରପ୍ରଦେଶର କାନପୁରଠାରେ ଆରମ୍ଭ କରାଯାଇଥିଲା। ଏକ ଏକକ ଦୃଷ୍ଟିକୋଣ ସହ ଆରମ୍ଭ ହୋଇଥିବା ଏହି ସଂସ୍ଥା ଆଜି ଏକ ଆନ୍ତର୍ଜାତୀୟ ଉଦ୍ୟୋଗରେ ପରିଣତ ହୋଇଛି ଏବଂ ଆରଏସପିଏଲର ଉତ୍ପାଦଗୁଡିକ ନେପାଳ, ବାଂଲାଦେଶ ଓ ଇଥିଓପିଆ ଭଳି ଦେଶକୁ ରପ୍ତାନୀ ହେଉଛି। ଆରଏସପିଏଲ ଗ୍ରୁପର ନିର୍ଦ୍ଦେଶକ ମନୋଜ ଜ୍ଞାନଚନ୍ଦାନି କହିଛନ୍ତି, ‘୫୦ ଅତୁଳନୀୟ ବର୍ଷ ପୂରଣ କରିବା ସହିତ, ଏକକ ଉତ୍ପାଦରୁ ଏକ ବହୁମୁଖୀ ଏଫଏମସିଜି ଓ ଉପଭୋକ୍ତା ବ୍ୟବସାୟ ପର୍ଯ୍ୟନ୍ତ ଆରଏସପିଏଲ ଗ୍ରୁପର ଯାତ୍ରା, ପରିବର୍ତିତ ଉପଭୋକ୍ତା ଆକାଂକ୍ଷା ସହ ବିକଶିତ ହେବା ପାଇଁ ଆମର କ୍ଷମତାକୁ ସୂଚିତ କରୁଛି। ଏହି ସଫଳତା ଭାରତ ଓ ବିଶ୍ୱ ବଜାରରେ ମଜବୁତ, ଭବିଷ୍ୟତ-ପ୍ରସ୍ତୁତ ବ୍ୟବସାୟ ନିର୍ମାଣ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ସେହିପରି ଆରଏସପିଏଲ ଗ୍ରୁପର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରାହୁଲ ଜ୍ଞାନଚନ୍ଦାନି କହିଛନ୍ତି, ‘ଆମେ ୫ ଦଶନ୍ଧି ପୂର୍ତିକୁ ପାଳନ କରୁଥିବାରୁ, କାନପୁରରେ ଘଡି ଡିଟରଜେଂଟରୁ ବର୍ତମାନ ଘର ଓ ଶିଳ୍ପରେ ଏକ ବିଶ୍ୱସ୍ତ ନାମରେ ପରିଣତ ହେବା ପର୍ଯ୍ୟନ୍ତ ଆରଏସପିଏଲର ଯାତ୍ରା ଆମର ଦର୍ଶନ ’ମେଡ ଇନ ଇଣ୍ଡିଆ, ଫର ଇଣ୍ଡିଆ’ର ଶକ୍ତିକୁ ପ୍ରତିଫଳନ କରୁଛି। ଭବିଷ୍ୟତ ପାଇଁ ଆମେ, ମଜବୁତ ଆରଆଣ୍ଡଡି କ୍ଷମତା, ଉପଭୋକ୍ତା-କେନ୍ଦ୍ରିତ ଉତ୍ପାଦ ବିକାଶ, ଆଡ୍‌ଭାନ୍ସଡ ଫର୍ମୁଲେଶନ ଓ ସ୍ଥାୟୀ ଉତ୍ପାଦନ ଅଭ୍ୟାସ ମାଧ୍ୟମରେ ଆମର ସୋପ ଓ ଡିଟରଜେଂଟ ବିଭାଗରେ ଉଦ୍ଭାବନ-ଚାଳିତ ଅଭିବୃଦ୍ଧି ଉପରେ ଆମର ଧ୍ୟାନ ବୃଦ୍ଧି କରୁଛୁ। ‘ଆରଏସପିଏଲ ଗ୍ରୁପର ନିର୍ଦ୍ଦେଶକ ରୋହିତ ଜ୍ଞାନଚନ୍ଦାନି କହିଛନ୍ତି, ‘ଆମର ୫୦ ବର୍ଷର ସଫଳତା, ବିଶେଷ କରି ଦ୍ରୁତ ବିକଶିତ ହାଇଜିନ ଓ ପର୍ସନାଲ କେୟାର କ୍ଷେତ୍ରରେ ଆରଆଣ୍ଡଡି ଓ ଉପଭୋକ୍ତା-କେନ୍ଦ୍ରିତ ଉଦ୍ଭାବନର ଏକ ମଜବୁତ ସଂସ୍କୃତି ସହ ଜଡିତ। ଭାରତରେ ଓ ଭାରତ ପାଇଁ ନିର୍ମିତ ଉତ୍ପାଦଗୁଡିକ ସହ ଆମେ ଆମର ଆ’ର୍ଜାତୀୟ ଉପସ୍ଥିତି ବୃଦ୍ଧି କରିବା ସହିତ ପ୍ରଭାବଶାଳୀ ସମାଧାନଗୁଡିକୁ ବିସ୍ତାର କରିବା ଜାରି ରଖିବୁ। କମ୍ପାନୀ ଶିକ୍ଷା, ସ୍ୱାସ୍ଥ୍ୟ, ପଶୁ କଲ୍ୟାଣ, ପରିବେଶ, ଜଳ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ସହାୟତା, କ୍ରୀଡା ପ୍ରୋତ୍ସାହନ ଓ ସମୁଦାୟ କଲ୍ୟାଣ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସମୁଦାୟଗୁଡିକୁ ସଶକ୍ତ କରିଛି। ସୋପ୍ ଓ ଡିଟରଜେଂଟରୁ ନିଜର ଯାତ୍ରା ଆରମ୍ଭ କରିଥିବା ଏହି କମ୍ପାନୀ ଆଜି ହାଇଜିନ କେୟାର, ପର୍ସନାଲ କେୟାର, ଡେରୀ ଆଣ୍ଡ ଆଇସକ୍ରିମ, କେମିକାଲ ମାନୁଫ୍ୟାକ୍‌ଚରିଂ, ଫ୍ୟାଶନ ଆଣ୍ଡ ଲାଇଫଷ୍ଟାଇଲ ଭଳି ବର୍ଗରେ ମଜବୁତ ଉପସ୍ଥିତି ସୃଷ୍ଟି କରିଛି। ବର୍ତମାନ କମ୍ପାନୀର ଦେଶବ୍ୟାପୀ ୨୪,୦୦୦ରୁ ଅଧିକ କର୍ମଚାରୀ ଏବଂ ଏକ ମଜବୁତ ବିତରଣ ନେଟ୍‌ୱର୍କ ରହିଛି।

# ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଓ ରାୟଗଡ଼ାରେ ଜଳ ଏବଂ ଜଳସେଚନ ସୁବିଧାକୁ ଶୁଦୃଢ କରିଛି

**ଭୁବନେଶ୍ୱର,୫।୬ (ନି.ପ୍ର) :** ବିଶ୍ୱ ପରିବେଶ ଦିବସ ପୂର୍ବରୁ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ଏହାର ଲାଞ୍ଜିଗଡ଼ ରିଫାଇନାରୀ ଚାରିପାଖରେ ଏହାର ବିସ୍ତାରିତ ଜଳ ପରିଚାଳନା ଏବଂ ଜଳଛାୟା ବିକାଶ ପ୍ରୟାସକୁ ଦୃଢ କରିଛି। କମ୍ପାନୀ ୧୮ ଲକ୍ଷ ଘନ ମିଟରରୁ ଅଧିକ ଜଳ ସଂରକ୍ଷଣ ଏବଂ ଭୂତଳ ଜଳ ପୁନଃଚାର୍ଜ କ୍ଷମତା ସୃଷ୍ଟି କରିବା ସହିତ ଜଳସେଚନ ସୁବିଧାକୁ ସୁଦୃଢ଼ କରି, ଗ୍ରାମୀଣ ପରିବାର ପାଇଁ ଜଳ ସୁରକ୍ଷାକୁ ଉନ୍ନତ କରିଛି। ଏହାର ସମନ୍ୱିତ ଜଳଛାୟା ଏବଂ ସାମୁଦାୟିକ ଜଳ ପରିଚାଳନା ପଦକ୍ଷେପ ମାଧ୍ୟମରେ, କମ୍ପାନୀ ୨୬ଟି ଗ୍ରାମରେ ୭୩ଟି ଜଳାଶୟକୁ ପୁନରୁଦ୍ଧାର କରିବା ସହିତ୧୬୦୦ ଏକରରୁ ଅଧିକ ଚାଷ ଜମିରେ ଜଳସେଚନ ସୁବିଧାକୁ ସକ୍ଷମ କରିଛି, ଯାହାକି ୪,୦୦୦ରୁ ଅଧିକ ଲୋକଙ୍କୁ ଲାଭାନ୍ୱିତ କରିଛି। ଏହି ପ୍ରୟାସଗୁଡ଼ିକ ଓଡ଼ିଶାର ସବୁଠାରୁ ଜଳବାୟୁ-ପ୍ରତିକୂଳ ଅଂଚଳରେ ଦୀର୍ଘକାଳୀନ ଜଳ ଅଭାବ ଚ୍ୟାଲେଞ୍ଜର ମୁକାବିଲା କରିବାରେ ସାହାଯ୍ୟ କରୁଛି।

ବାଣୀଗାଁ ଗ୍ରାମର ଜଣେ ସମ୍ପ୍ରଦାୟ ସଦସ୍ୟ କାର୍ବି ମାଝୀ କହିଛନ୍ତି, ‘ପାଣି ପୂର୍ବରୁ ଏକ ଦୈନନ୍ଦିନ ସଂଘର୍ଷ ଥିଲା, ବିଶେଷକରି ଶୁଷ୍କ ମାସରେ ଯେତେବେଳେ ଉତ୍ସଗୁଡ଼ିକ କମ ରହୁଥିଲା କିନ୍ତୁ ବର୍ତମାନ, ଆମ ଗାଁରେ ଜଳାଶୟଗୁଡ଼ିକର ପୁନରୁଦ୍ଧାର ସହିତ, ଘର ପାଖରେ ଏବଂ ବର୍ଷସାରା ପାଣି ଉପଲବ୍ଧ ହେଉଛି। ଏହା ଆମର କଷ୍ଟକୁ ହ୍ରାସ କରିଛି ଏବଂ ଆମର ଜୀବନର ଗୁଣବତାରେ ଉନ୍ନତ ଆଣିଛି। କୃଷିପ୍ରଧାନ କଳାହାଣ୍ଡିରେ, ବର୍ତମାନ ଓଡ଼ିଶାର ପ୍ରମୁଖ ଧାନ ଉତ୍ପାଦନକାରୀ ଜିଲ୍ଲାଗୁଡ଼ିକ ମଧ୍ୟରେ, ଜଳସେଚନ ପ୍ରସାରଣ ଦ୍ୱାରା ସମର୍ଥିତ, ଉନ୍ନତ ଜଳ ଉପଲବ୍ଧତା ସିଧାସଳଖ କୃଷି ଉତ୍ପାଦକତା, ଫସଲ ବିବିଧତା ଏବଂ କୃଷକଙ୍କ ଆୟକୁ ସମର୍ଥନ କରୁଛି। ମୌସୁମୀ ବର୍ଷା ଏବଂ ଜଳସେଚନ ଉପରେ ଏହି ଅଂଚଳର ଅତ୍ୟଧିକ ନିର୍ଭରଶୀଳତା କୃଷି ଅଭିବୃଦ୍ଧି ଏବଂ ଜୀବିକା ନିର୍ବାହ ପାଇଁ ଏପରି ହସ୍ତକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ବେଦା’ ଆଲୁମିନିୟମର ଜଳଛାୟା ପଦକ୍ଷେପଗୁଡ଼ିକ ବୈଜ୍ଞାନିକ ବର୍ଷା ଅମଳ, ଭୂତଳ ଜଳ ପୁନଃଚାର୍ଜ ଏବଂ ପାରମ୍ପରିକ ଜଳ ପ୍ରଣାଳୀର ପୁନରୁଦ୍ଧାର ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହା ଜଳସେଚନ ଏବଂ ପରିବାରର ଆବଶ୍ୟକତା ପାଇଁ ବର୍ଷସାରା ପାଣି ଉପଲବ୍ଧତାକୁ ସକ୍ଷମ କରିଥାଏ। ଏହି ହସ୍ତକ୍ଷେପଗୁଡ଼ିକରେ ଜଳ ଅମଳ ଡାଂଚା, ଫାର୍ମ ପୋଖରୀ, ଚେକ୍ ଡ୍ୟାମ୍ ଏବଂ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଳ ପରିଚାଳନା ପ୍ରଣାଳୀର ବିକାଶ ଅନ୍ତର୍ଭୁକ୍ତ ଯାହାକି ମାଟିର ଆର୍ଦ୍ରତାକୁ ଉନ୍ନତ କରେ ଏବଂ ପ୍ରବାହ କ୍ଷତିକୁ ହ୍ରାସ କରେ। ବାତେଲିମା ଗ୍ରାମର ଜଣେ ଚାଷୀ ଧନଯ ପାତ୍ର କହିଛନ୍ତି, ‘ପୂର୍ବରୁ, ଏଠାରେ ଚାଷ ସମ୍ପୂର୍ଣ୍ଣ ଭାବରେ ବର୍ଷା ଉପରେ ନିର୍ଭର କରୁଥିଲା। ଜଳାଶୟଗୁଡ଼ିକ ପୁନରୁଦ୍ଧାର ହେବା ଏବଂ ଜଳସେଚନ ଉପଲବ୍ଧ ହେବା ସହିତ, ଆମେ ଅଧିକ ଆତ୍ମବିଶ୍ୱାସର ସହିତ ଚାଷ କରିପାରିବା ଏବଂ ଏକ ଅତିରିକ୍ତ ଫସଲ ମଧ୍ୟ ଚାଷ କରିପାରିବା। ଏହା ଆମର ଆୟରେ ସ୍ଥିରତା ଆଣିଛି ଏବଂ ଆମ ପରିବାର ପାଇଁ ଆଶା ସଂଚଇର କରିଛି।

ଏହି ଭୂମିଗତ ହସ୍ତକ୍ଷେପ ଉପରେ



ଆଧାରିତ, ବେଦାନ୍ତ ଆଲୁମିନିୟମ୍ ବର୍ତମାନ ସିଜିମାଳି ଅଂଚଳ ପାଇଁ ଏକ ଜଳଭୂବିଜ୍ଞାନ ବ୍ଲୁପ୍ରିଂଟ ବିକଶିତ କରିଛି, ଯାହାର ଲକ୍ଷ୍ୟ ଜଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ। ବୈଜ୍ଞାନିକ ଅଧ୍ୟୟନଗୁଡ଼ିକ ମୃତିକା ଏବଂ ଜଳ ସଂରକ୍ଷଣ ପଦକ୍ଷେପର ଏକ ନେଟୱାର୍କ ମାଧ୍ୟମରେ ପ୍ରବାହ କ୍ୟାପଚର ଏବଂ ଭୂତଳ ଜଳ ପୁନଃଚାର୍ଜକୁ ଉନ୍ନତ କରି ସ୍ଥାନୀୟ ଜଳ ଉପଲବ୍ଧତାକୁ ୨୦୦% ପର୍ଯ୍ୟନ୍ତ ବୃଦ୍ଧି କରିବାର ସମ୍ଭାବନାକୁ ସୂଚିତ କରିଛି। ଯୋଜନାରେ ବାଣ୍ଡିଂ, ଚେକ୍ ଡ୍ୟାମ୍, ସ୍ଥିର ପୋଖରୀ, ସ୍ଲୋପ୍ ସ୍ଥିରୀକରଣ ଗଠନ ଏବଂ ୭,୫୦୦-ମିଟର ଡ୍ରେନେଜ୍ ନେଟୱାର୍କ ଭଳି ହସ୍ତକ୍ଷେପ ଅ’ର୍ଭୁକ୍ତ, ଯାହା ବର୍ଷା ଜଳକୁ ସ୍ଥାନୀୟ ଜଳାଶୟ ଏବଂ ଜଳାଶୟଗୁଡ଼ିକରେ ଅଧିକ ପ୍ରଭାବଶାଳୀ ଭାବରେ ପରିଚାଳିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରକଳ୍ପକୁ ଭୂତଳ ଜଳ ସମ୍ପଦକୁ ସୁରକ୍ଷା ଦେବା ପାଇଁ ସୁରକ୍ଷା ବ୍ୟବସ୍ଥା ସହିତ ଡିଜାଇନ୍ କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଭୂତଳ ଜଳ ଭୂମି ସ୍ତରରୁ ପ୍ରାୟ ୩୫୦ ମିଟର ରୁ ୫୫୦ ମିଟର ଗଭୀରତାରେ ସୃଷ୍ଟି ହୁଏ, ଯେତେବେଳେ ପ୍ରସ୍ତାବିତ କାର୍ଯ୍ୟକଳାପ ଗୁଡ଼ିକ ଯଥେଷ୍ଟ ଗଭୀର ସ୍ତରରେ ଯୋଜନା କରାଯାଇଛି। ଏହି ପ୍ରୟାସଗୁଡ଼ିକୁ ପୂରକ କରିବା ହେଉଛି ଏକ ବଡ଼ ଧରଣର ପରିବେଶଗତ ପୁନରୁଦ୍ଧାର କାର୍ଯ୍ୟକ୍ରମ, ଯେଉଁଥିରେ କଳାହାଣ୍ଡି ଏବଂ ରାୟଗଡା ଜିଲ୍ଲାରେ ୨.୨ ନିୟୁତରୁ ଅଧିକ ଗଛ ରୋପଣ ଅ’ର୍ଭୁକ୍ତ। ଏହି ବନୀକରଣ ପ୍ରୟାସ ମାଟି ସ୍ଥିରତାକୁ ଆହୁରି ଉନ୍ନତ କରିବ, ଆର୍ଦ୍ରତା ସଂରକ୍ଷଣକୁ ବୃଦ୍ଧି କରିବ ଏବଂ ଜୈବ ବିବିଧତା ଏବଂ ପରିବେଶଗତ ସ୍ଥିରତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟରେ ଜଳ ପରିଚାଳନାକୁ ନିର’ର ପ୍ରାଥମିକତା ଦେଇଛି ଏବଂ ଜଳ ସଂରକ୍ଷଣ, ପୁନଃଚକ୍ରଣ, ଭୂତଳ ଜଳ ପୁନଃଚାର୍ଜ ଏବଂ ପରିବେଶଗତ ପୁନରୁଦ୍ଧାର ଉପରେ କେନ୍ଦ୍ରିତ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛି। ସିଜିମାଳି ଜଳଭୌତିକ ଯୋଜନା ମାଧ୍ୟମରେ, କମ୍ପାନୀ ବୈଜ୍ଞାନିକ ଯୋଜନା ଏବଂ ଦାୟିତ୍ୱପୂର୍ଣ୍ଣ ସମ୍ବଳ ପରିଚାଳନା କିପରି ସ୍ଥାୟୀ ବିକାଶ ଏବଂ ଉନ୍ନତ ପରିବେଶଗତ ଫଳାଫଳରେ ଯୋଗଦାନ ଦେଇପାରିବ ତାହା ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି।

## ବିଶ୍ୱ ପରିବେଶ ଦିବସ ଅବସରରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୫।୬ (ନି.ପ୍ର) :** ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏକ ସ୍ୱଚ୍ଛ ତଥା ସବୁଜ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଚଳିତ ବର୍ଷର ଶୀର୍ଷକ ‘ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମ ଭବିଷ୍ୟତ



ପାଇଁ’ଅନୁଯାୟୀ ଏହି ଉତ୍ସବକୁ ପାଳନ କରିବା ପାଇଁ ଅନୁଷ୍ଠାନ କ୍ୟାମ୍ପସ୍ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ପ୍ରାୟ ୧୦୦ ଟି ଛାୟା ପ୍ରଦାନକାରୀ ଗଛ, ଫଳ ଏବଂ ଫୁଲ ଗଛ ଲଗାଯାଇଥିଲା। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ, ପ୍ରଫେସର ବିଜୟ ଶଙ୍କର ପାସୁପୁରେଡି, ଡିନ୍ (ପ୍ରାୟଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ); ପ୍ରଫେସର ଶରତ କୁମାର ପଣ୍ଡା, ଅଧ୍ୟକ୍ଷ-ଭିତ୍ତିଭୂମି; ଡକ୍ଟର ନରସା ରେଡ୍ଡୀ ଟୁମ୍ମୁରୁ, ସହ-ଅଧ୍ୟକ୍ଷ-ଭିତ୍ତିଭୂମି; ଶ୍ରୀ ବାମଦେବ ଆଚାର୍ଯ୍ୟ, ରେଜିଷ୍ଟ୍ରାର; ଡକ୍ଟର ଶିବୈୟା ବାଥୁଲା, ଏନଏସଏସ ସଂଯୋଜକ; ଶ୍ରୀ କେ. ରବିନ କୁମାର ଡୋରା, ଅଧିକ୍ଷଣ ଇଞ୍ଜିନିୟର; ଶ୍ରୀମତୀ ଶ୍ରୁତି କରମଲକର, ସଭାପତି-ପ୍ରତିଷ୍ଠାନର ଆବାସିକ କ୍ଲବ; ଅଧ୍ୟାପକ, କର୍ମଚାରୀ, ଛାତ୍ର, ଏନଏସଏସ ସ୍ୱେଚ୍ଛାସେବକ ଏବଂ କ୍ୟାମ୍ପସର ବାସିନ୍ଦାମାନେ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ ଏବଂ ଚାରା ରୋପଣ କରିଥିଲେ। ପ୍ରତିଷ୍ଠାନର ଉଦ୍ୟାନବିତ୍ ଶ୍ରୀ କାମିରେଡ୍ଡି ବିଶେଶ୍ୱର ରେଡ୍ଡୀ, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହା ଉଲ୍ଲେଖ କରାଯାଇପାରେ ଯେ ପ୍ରାୟ ୯୩୬ ଏକରଅଞ୍ଚଳରେ ପରିବ୍ୟାପ୍ତ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ପରିସରରେ ୫୦,୦୦୦ ରୁ ଅଧିକ ଚିର ସବୁଜ ଏବଂ ଫୁଲ ଏବଂ ଫଳ ଗଛ ରହିଛି। କ୍ୟାମ୍ପସକୁ ପରିଷ୍କାର ଏବଂ ସବୁଜ ରଖିବା ଦିଗରେ ମଧ୍ୟ ଅନୁଷ୍ଠାନ ଅନେକ ପଦକ୍ଷେପ ନେଇଛି।









# ଜେରେଙ୍ଗ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

**ଛେଣ୍ଡିପଦା, ୫।୬ (ନି.ପ୍ର):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ତଥା ଜରପଡା ବନାଞ୍ଚଳ ଅନ୍ତର୍ଗତ ଜେରେଙ୍ଗ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ପକ୍ଷରୁ ସ୍ଥାନୀୟ ଯାତ୍ରା ପଡିଆ ସ୍ଥିତ ସମିତି କାର୍ଯ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜୁନ ମାସ ୫ ତାରିଖ ଦିନ ଏହିସଚେତନତା କାର୍ଯ୍ୟକ୍ରମ ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ବୃଷ ବାହନ ଗଡ଼ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଅନୁଗୋଳ ବିକଳ୍ପ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାଶ ଯୋଗ ଦେଇଥିଲେ । ଏହି ଅବସରରେ ବିଶ୍ୱ ପରିବେଶ ଦିବସ ପାଳନ କରାଯିବାର ଲକ୍ଷ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ସବିଶେଷ ଭାବେ ଆଲୋଚନା କରିବା ସହ ପ୍ରତ୍ୟେକ ସଭ୍ୟ ସଭ୍ୟା ପ୍ରତି ବର୍ଷ ଅତି କମରେ ଦୁଇଟି ଲେଖାଏଁ ବୃକ୍ଷ ରୋପଣ କରିବା ସହ ସମ୍ପୂର୍ଣ୍ଣ ଯତ୍ନ ନେବା ପାଇଁ ଶପଥ ପାଠ କରାଇଥିଲେ




। ମୁଖ୍ୟବକ୍ତା ଭାବେ ଅନୁଗୋଳ ସାଥୀ ପରିବାର ମୁଖ୍ୟ ତଥା ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ ଯୋଗ ଦେଇ ପରିବେଶ ପ୍ରଦୂଷଣ ହେବାର କାରଣ ଏବଂ ନିରାକରଣ ଉପରେ ଆଲୋକପାତ କରିଥିଲେ । ଶିଳ୍ପାୟନ ଏବଂ ଖଣି ଖାଦାନ ଯୋଗୁଁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଜମି,ଜଙ୍ଗଲ ପାହାଡ ପ୍ରଦୂଷଣ ଯୋଗୁଁ ଗଭୀର ଉଦବେଗ ପ୍ରକାଶ କରିଥିଲେ । ପ୍ଲାଷ୍ଟିକ ଜାତ ସାମଗ୍ରୀ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରିବା ପାଇଁ ସମସ୍ତ ଙ୍କୁ ସଚେତନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିବେଶବିତ୍ ତଥା ସାମାଜିକ କର୍ମୀ ଲମ୍ବୋଦର ସାହୁ , ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଦିଲ୍ଲୀପ କୁମାର ସାହୁ , ସାମ୍ବାଦିକ ହଟ୍ଟ କିଶୋର ଷଡଙ୍ଗୀ, ଜୟନ୍ତ କୁମାର ପ୍ରଧାନ, ଭୋଲେଶ୍ୱର ଗୋଚ୍ଛାୟତ , ୟୁଟ୍ୟୁବର ସୁନୀଲ କୁମାର ମାଝୀ , ଫରେଷ୍ଟର ରୀତା ରାଣୀ ସେଠୀ , ଫରେଷ୍ଟର ଟିକେଶ୍ୱର ନାୟକ, ଜରପଡା ଥାନା ଆ ଏସ ଆଇ ଚାମୁ ଚରଣ ମହନ୍ତ ପ୍ରମୁଖ ଯୋଗ ଦେଇଥିଲେ । ସମିତି ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ପରିବେଶବିତ୍ ବାଙ୍କନିଧି ଦାଶ ସ୍ୱାଗତ ଅଭିଭାଷଣ , ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ସଭା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ସର୍ବ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ଉପସ୍ଥିତ ଅତିଥି ଗଣ ପ୍ରଦୀପ ପ୍ରଜ୍ୱଳନ କରିବା ସଚେତନତା କର୍ମଶାଳାକୁ ଉଦ୍ଘାଟନ କରିଥିଲେ । ଏହି ଅବସରରେ ସମିତି ପକ୍ଷରୁ ମଞ୍ଚ ସିନ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସମିତି ସମ୍ପାଦକ ଭାବଗ୍ରାହୀ ନାଏକ , କୋଷାଧ୍ୟକ୍ଷ ସଞ୍ଜୟ କୁମାର ନାୟକ , ଜୟଦେବ ସାହୁ, ନରେନ୍ଦ୍ର କୁମାର ସାହୁ , ସୁବାସ ଚନ୍ଦ୍ର ସାହୁ , ବିକାଶ ରଞ୍ଜନ ଗଡ଼ନାୟକ , ପିତାମ୍ବର ସାହୁ , ରମାକାନ୍ତ ସାହୁ , ବିଷ୍ଣୁ ଚରଣ ଗଡ଼ନାୟକ , କୈଳାଶ ଚନ୍ଦ୍ର ସାହୁ ଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ସକ୍ରିୟ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ସମସ୍ତ ବନ ସଂରକ୍ଷଣ ସମିତି କର୍ମକର୍ତ୍ତା ସଦସ୍ୟ ସଦସ୍ୟା ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ ।

## ବିଶ୍ୱ ପରିବେଶ ଦିବସ ପାଳିତ

# ଟାଟା ଷ୍ଟିଲ କଳିଙ୍ଗନଗର ଓ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ୩୩୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ

**କଳିଙ୍ଗନଗର,୫।୬ (ନି.ପ୍ର) :** ମିଳିତ ଜାତିସଂଘର ଚଳିତ ବର୍ଷର ବିଷୟବସ୍ତୁ (ଇନସ୍ପାୟାର୍ଡ ବାଇ ନେଚର୍। ଫର୍ କ୍ଲାଇମେଟ୍। ଫର୍ ଆଓର୍ ଫ୍ୟୁଚର୍) ପ୍ରକୃତି ସହ ଯୋଡ଼ିହେବା, ଜଳବାୟୁ ସୁରକ୍ଷା ଏବଂ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରିବା ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନ୍‌ଆଇଏନ୍‌ଏଲ୍) ପକ୍ଷରୁ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟିଏସ୍‌କେ ପକ୍ଷରୁ ପ୍ଲାଣ୍ଟ ପରିସରରେ ୨୨୦୦ରୁ ଅଧିକ ଚାରାରୋପଣ କରାଯାଇଛି। ବ୍ୟାପକ ଚାରାରୋପଣ ବ୍ୟତୀତ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସପ୍ତାହ ଆରମ୍ଭରୁ ସ୍କୁଲ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ଚିତ୍ରାଙ୍କନ, ହସ୍ତଶିଳ୍ପ ଓ ପ୍ରବନ୍ଧ ପ୍ରତିଯୋଗିତା ସହିତ କର୍ମଚାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, କୁଇଜ୍ ଓ



ଫଟୋଗ୍ରାଫି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହାବ୍ୟତୀତ କାରଖାନା ପରିସରରେ ପ୍ଲାଷ୍ଟିକ୍ ଆବର୍ଜନା ସଫେଇ ଅଭିଯାନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଟ୍ରେନିଂ ସେଣ୍ଟର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟିଏସ୍‌କେର ମେକାନିକାଲ ମେଣ୍ଟେନାନ୍ସ ଚିଫ୍ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ଚିଫ୍ ପଙ୍କଜ ଏଚ୍. ଭୁରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ କାରଖାନା ପରିସରସ୍ଥ ଟ୍ରାନ୍ସପୋର୍ଟ ପାର୍କ ନିକଟରେ କର୍ମଚାରୀ ଓ ଠିକା କର୍ମଚାରୀମାନଙ୍କ ଦ୍ୱାରା ୧୧୦୦ ଚାରାରୋପଣ କରାଯାଇଥିଲା। ଏହା ବ୍ୟତୀତ ସପ୍ତାହ ଆରମ୍ଭରୁ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ପୋଷ୍ଟର ପ୍ରସ୍ତୁତି ଓ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ସେହିପରି ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଗୋବରଘାଟି ଫେଜ୍-୧ର ଛାତ୍ରଛାତ୍ରୀମାନଙ୍କ ପାଇଁ କମ୍ୟୁନିଟି ସେଣ୍ଟରଠାରେ ସଚେତନତା କାର୍ଯ୍ୟକ୍ରମ, କୁଇଜ୍ ଏବଂ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୁଇଜ୍ ପ୍ରତିଯୋଗିତାର ବିଜେତାମାନଙ୍କୁ ସେଠାରେ ପୁରସ୍କୃତ କରାଯାଇଥିବାବେଳେ ପୋଷ୍ଟର ପ୍ରସ୍ତୁତି ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ଲାଣ୍ଟ-୨ ଅଡିଟୋରିୟମରେ ଆୟୋଜିତ ମେଗା କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା। ଟାଟା ଷ୍ଟିଲ ଏବଂ ଏନ୍‌ଆଇଏନ୍‌ଏଲ୍ ପକ୍ଷରୁ ଜୁନ୍ ମାସକୁ 'ସଷ୍ଟେନେବିଲିଟି ମନ୍ଥ' (ଦୀର୍ଘସ୍ଥାୟୀତ୍ୱ ମାସ) ଭାବେ ପାଳନ କରାଯାଉଥିବାରୁ ଏହି କାର୍ଯ୍ୟକ୍ରମଗୁଡ଼ିକ ମାସବ୍ୟାପୀ ଚାଲିବ। ଏହି ମାସବ୍ୟାପୀ ପାଳନର ଅଂଶବିଶେଷ ଭାବେ ସଚେତନତା ଅଭିଯାନ, ୱେବିନାର ଏବଂ ଅନଲାଇନ୍ କୁଇଜ୍ ଭଳି ଅନେକ କାର୍ଯ୍ୟକ୍ରମ ହେବା ନେଇ ଯୋଜନା ରହିଛି।

# କଟକ ଜିଲ୍ଲା ପରିଷଦର ତ୍ରୟୋଦଶ ବୈଠକ ଅନୁଷ୍ଠିତ

**କଟକ, ୫।୬ (ନି.ପ୍ର):** ଆଜି ପୂର୍ବାହ୍ନରେ ତ୍ରୟୋଦଶ କଟକ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସଭାପତି ଶ୍ରୀ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତା ଓ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସହ ଅଧକ୍ଷତା ଓ ସଂଯୋଜନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଦ୍ୱାଦଶ ଜିଲ୍ଲା ପରିଷଦ ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଅନୁମୋଦିତ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଆଜିର ବୈଠକର ଚଳିତ କାର୍ଯ୍ୟସୂଚୀ ଅନୁଯାୟୀ କୃଷି, ଉଦ୍ୟାନ କୃଷି , ପଶୁପାଳନ , ଶିକ୍ଷା , ଜଙ୍ଗଲ, ପାନୀୟ ଜଳ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା । ଆବଶ୍ୟକସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ପର୍କରେ ଯଥାକ୍ରମେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରିଥିଲେ । ଆଲୋଚନା ଓ ସମୀକ୍ଷା ପୂର୍ବକ ବୈଠକରେ କଟକ ସାଂସଦ, ଡଃ ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ ଯେ, ଏଲ ନିନୋ ଯୋଗୁ ପାଣିପାଗ ପରିବର୍ତ୍ତନ ହେଉଛି ଯାହା ଦ୍ୱାରା ବର୍ଷା କମ ହେବ କିନ୍ତୁ ଅଧିକାଂଶ ଜଳ ଭଣ୍ଡାର ପୂର୍ଣ୍ଣ ଥିବାରୁ ଜଳ ଅଭାବ ଦେଖା ଦେବ ନାହିଁ।ଏଥିସହିତ କୃଷି କ୍ଷେତ୍ରରେ ବିଶେଷକରି ଖରିଫ ଚାଷରେ ଉନ୍ନତମାନର ସାର ବ୍ୟବହାର ଯୋଗୁ କୌଣସି ଅସୁବିଧା ହେବ ନାହିଁ । ଜିଲ୍ଲା ପ୍ରଶାସନ ତରଫରୁ ପ୍ରମୋଦ ଉଦ୍ୟାନର ଉନ୍ନତିକରଣ ପାଇଁ ଧ୍ୟାନ ଦିଆଯାଉଛି । ଉଦ୍ୟାନରେ ଥିବା ଲେମ୍ବୁ , ଆମ୍ବ ଗଛ ଗୁଡିକରୁ ଏସଏଚଜି ମାନଙ୍କ ଦ୍ୱାରା ଆଚାର ତିଆରି କରିବା ନେଇ ଯୋଜନା ରହିଛି ବୋଲି ସାଂସଦ ଶ୍ରୀ ମହତାବ ସୂଚନା ଦେଇଥିଲେ । ବିଭିନ୍ନ



ଅଞ୍ଚଳରେ ଥିବା ବିଦ୍ୟାଳୟ ରେ ଶିକ୍ଷକ ପୂରଣ , ବିଦ୍ୟାଳୟର ଉନ୍ନତିକରଣ ବିଷୟରେ ଆଲୋଚନା କରଯାଇଥିଲା । ଜିଲ୍ଲାରେ ୩୩ଟି ସ୍କୁଲ ପିଏମ ଶ୍ରୀ ସ୍କୁଲ ଘୋଷଣା କରାଯିବା ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ । ନୂତନ ନଳକୂପ ଖନନ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଏବଂ ଅଙ୍ଗନବାଡି, ସ୍କୁଲ, ଧାର୍ମିକ ସ୍ଥଳ ଗୁଡିକରେ ପାନୀୟଜଳ ଯୋଗାଇବା ସମ୍ପର୍କରେ ବୈଠକରେ ମତ ପ୍ରକାଶ ପାଇଥିଲା । ବନଖଣ୍ଡ ଅଞ୍ଚଳର ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ଓ କ୍ଷେତ୍ର ଅନୁଯାୟୀ ପ୍ରକଳ୍ପର ସ୍ଥିତି ସମେତ ଜିଲ୍ଲାର ଅନ୍ୟାନ୍ୟ ସମସ୍ୟାର ସମାଧାନ ଓ ପ୍ରସ୍ତାବିତ କାର୍ଯ୍ୟର ସ୍ଥିତି ଅଗ୍ରଗତି ଉପରେ ଉପସ୍ଥିତ ବିଧାୟକ ଓ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ସମୀକ୍ଷା କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବୈଠକରେ ମତ ରଖିଥିଲେ । ବୈଠକରେ ଯୋଗଦେଇ ଆଠଗଡ଼ ବିଧାୟକ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦିଷ୍ଟ ସମୟରେ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିବା , ବିଦ୍ୟୁତ ଯୋଗାଣ ଓ ପଞ୍ଚାୟତ,ବ୍ଲକ ମାନଙ୍କରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠନ ଗ୍ରହଣ ଉପରେ ଆଲୋକପାତ କରିଥିଲେ । ବୈଠକରେ ଜଗତସିଂହପୁର ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ , ସାଲେପୁର ବିଧାୟକ ଶ୍ରୀ ପ୍ରଶାନ୍ତ ବେହେରା ପ୍ରମୁଖ ଉକ୍ତ ସମୀକ୍ଷା ପୂର୍ବକ ବୈଠକରେ ଉପସ୍ଥିତ ରହିବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଶ୍ରୀ ପ୍ରଶାନ୍ତ କୁମାର ନାୟକ କାର୍ଯ୍ୟସୂଚୀ ପୂର୍ବକ ସୂଚନା ପ୍ରଦାନ କରି ସଭା ସହ ସଂଯୋଜନା କରିଥିଲେ ।

# ବିଶ୍ୱ ପରିବେଶ ଦିବସରେ ରାୟଗଡ଼ ପୌରପରିଷଦ ପକ୍ଷରୁ ବୃକ୍ଷରୋପଣ ଓ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

**ରାୟଗଡ, ୫।୬ (ନି.ପ୍ର) :** ବିଶ୍ୱ ପରିବେଶ ଦିବସ-୨୦୨୬ ପାଳନ ଅବସରରେ ରାୟଗଡ଼ ପୌରପରିଷଦ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଏବଂ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ ସମାରୋହ ଆୟୋଜିତ ହୋଇଥିଲା । ଏହା ସହିତ 'ମୋ ବଗିଚା', 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ମଧ୍ୟ ଉଦ୍ ?ଘାଟନ କରାଯାଇଥିଲା ଛଏହି ସମାରୋହରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ ଉଦ୍‌ଘାଟନ କରାଯିବା ପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପାରିଷଦବୃନ୍ଦ "ମୋ ବଗିଚା' ପରିସରରେ ବୃକ୍ଷରୋପଣ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ 'ୱେଷ୍ଟ ଟୁ ୱାଣ୍ଡର ପାର୍କ' ଏବଂ 'ନିର୍ମାଣ ଓ ଭଗ୍ନଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର'ର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ପ୍ରକଳ୍ପ ଗୁଡ଼ିକୁ ପରିଦର୍ଶନ କରିବା ସହ ରାୟଗଡ଼ ପୌରପରିଷଦ ଦ୍ୱାରା ନିର୍ମିତ ଏହି ଅଭିନବ ପ୍ରକଳ୍ପ ଗୁଡ଼ିକର ଭୂୟସୀ ପ୍ରଶଂସା କରିଥିଲେ । ସେମାନେ ଆବର୍ଜନା ପ୍ରକ୍ରିୟାକରଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ଆଲୋଚନା କରିବା ସହ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଥିଲେ ଓ ଏହାପରେ ପ୍ଲାଣ୍ଟ ପରିସରସ୍ଥିତ ମିନି




କନଫରେନ୍ସ ହଲ୍‌ରେ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ପାରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୌରପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ପରିମଳ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନା ସମ୍ବନ୍ଧୀୟ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ, ଜିଲ୍ଲା ବନ ଅଧିକାରୀ ଶ୍ରୀ ସଚିନ ଆନାସାହେବ ଓହୋଲ, ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡ, ରାୟଗଡ଼ ପୌରପରିଷଦ ଅଧ୍ୟକ୍ଷ ଶ୍ରୀ ପି. ମହେଶ ପଟ୍ଟନାୟକ, ସମସ୍ତ ୱାର୍ଡ ପାରିଷଦବୃନ୍ଦ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ନିରୀକ୍ଷକ ଓ ପୌରପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦୀପ କୁମାର ସୂଚାରୁ ଭାବେ ପରିଚାଳନା କରିଥିଲେ। ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଶ୍ୱ ପରିବେଶ ଦିବସରେ ସିଏମ୍‌ସି ପକ୍ଷରୁ ବିଶାଳ ପଦଯାତ୍ରା ଓ ସଚେତନତା ସଭା

# ସବୁଜ ଓ ସ୍ୱଚ୍ଛ କଟକ ଗଠନ ପାଇଁ ମେୟରଙ୍କ ଆହ୍ୱାନ

**କଟକ, ୫।୬ (ନି.ପ୍ର):** ବିଶ୍ୱ ପରିବେଶ ଦିବସ ଅବସରରେ ଆଜି କଟକ ମହାନଗର ନିଗମ (ଉଗଉ) ପକ୍ଷରୁ ସହରବାସୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ବିଶାଳ ପଦଯାତ୍ରା ଏବଂ ସାଧାରଣ ସଭା ସଫଳତାର ସହ ଆୟୋଜିତ ହୋଇଯାଇଛି। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଓ ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ପ୍ରତିହତ କରିବା ପାଇଁ ସହରରେ ସବୁଜିମା ବୃଦ୍ଧି ଏବଂ ପ୍ରକୃତିର ସୁରକ୍ଷା ନିତାନ୍ତ ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ଦିଆଯାଇଛି। ଆଜି ସକାଳେ କଟକ ମହାନଗର ନିଗମର ୪ ନମ୍ବର ୱାର୍ଡ ସ୍ଥିତ ନିବେଦିତା ପ୍ରଧାନ ପାର୍କଠାରେ ଏହି ପରିବେଶ ସଚେତନତା ପଦଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ପଦଯାତ୍ରାରେ ଉଗଉର ମେୟର , କମିଶନର ବରିଷ୍ଠ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ପରିବେଶ ପ୍ରେମୀ ଏବଂ ବହୁ ସଂଖ୍ୟାରେ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ହାତରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ପ୍ଲାଷ୍ଟିକ ବର୍ଜନ ସମ୍ପର୍କିତ ପ୍ଲାକାର୍ଡ ଧରି ପଦଯାତ୍ରାକାରୀମାନେ ସହର ପରିକ୍ରମା କରିଥିଲେ। ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସ୍ଲୋଗାନ ଦେଇ ଏହି ବିଶାଳ ପଦଯାତ୍ରା ସେକ୍ଟର-୯ ସ୍ଥିତ ସେଣ୍ଟ୍ରାଲ ନର୍ସରୀରେ ପହଞ୍ଚିଥିଲା। ପଦଯାତ୍ରା ସେଣ୍ଟ୍ରାଲ ନର୍ସରୀରେ ପହଞ୍ଚିବା ପରେ ସେଠାରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳତାକୁ ପ୍ରଶଂସା କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ, 'କଟକ ସହରକୁ ସବୁଜ ସୁନ୍ଦର କରିବା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏଥିପାଇଁ ପ୍ରତ୍ୟେକ ସହରବାସୀଙ୍କ ଭାଗିଦାରୀ ଆବଶ୍ୟକ।



ପ୍ରତିଟି ପରିବାର ଅନ୍ତତଃ ପକ୍ଷେ ଗୋଟିଏ ଲେଖାଏଁ ଗଛ ଲଗାଇ ତାର ସୁରକ୍ଷା କଲେ ଆମେ ଆସନ୍ତା ପିଢ଼ିକୁ ଏକ ସୁସ୍ଥ ପରିବେଶ ଦେଇପାରିବା। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଉଗଉ କମିଶନର ଉପସ୍ଥିତ ରହି ପରିବେଶ ସନ୍ତୁଳନ ରକ୍ଷା ଦିଗରେ ନିଗମ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ସୂଚନା ଦେଇଥିଲେ। ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଏବଂ ସହରକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଏହି ବିଶେଷ ସଭାରେ କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରଣ ଦୀପ କୌର ସହୋତା,ଅଡିସନାଲ କମିଶନର ଶ୍ରୀମତୀ ସୋନା ଟୁଡୁ , ଡେପୁଟି କମିଶନର ଶ୍ରୀ ଜୁବୁଲି ଚରଣ ବେହେରା ,ଆସିଷ୍ଟାଣ୍ଟ କମିଶନର ଶୁଭଶ୍ରୀ ମଲ୍ଲିକ , ପଦ୍ମଲୋଚନ ମହାଲ୍ଲିକ, କିଶୋର ମହାନ୍ତି , କଟକ ସହରର କାର୍ଯ୍ୟରତ ଅନେକ ପ୍ରତିଷ୍ଠିତ ପରିବେଶ ସଂଗଠନର ପ୍ରତିନିଧି ଏବଂ ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ। ସେମାନେ ବର୍ତ୍ତମାନର ଗ୍ଲୋବାଲ ୱାର୍ମିଂ (ବିଶ୍ୱ ତାପାୟନ) ଏବଂ ଜଳ ସଙ୍କଟ ଉପରେ ଚିନ୍ତାପ୍ରକଟ କରିବା ସହ ସ୍ଥାନୀୟ ସ୍ତରରେ ଜଙ୍ଗଲୀକରଣ ଓ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ଉପରେ ନିଜର ସୁଚିନ୍ତିତ ମତାମତ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥି ଓ ପରିବେଶ କର୍ମୀମାନଙ୍କ ଦ୍ୱାରା ନର୍ସରୀ ପରିସରରେ ବୃକ୍ଷରୋପଣ କରାଯାଇଥିଲା ଏବଂ ସମସ୍ତଙ୍କୁ ପରିବେଶ ସୁରକ୍ଷା ପାଇଁ ସମସ୍ତ ପଦକ୍ଷପ ନେବାପାଇଁ ମେୟର ଅନୁରୋଧ କରିଥିଲେ ।

# ବ୍ଲକ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

**କଟକ, ୫।୬ (ନି.ପ୍ର) :** ପରିବେଶ ସୁରକ୍ଷା ନିମିତ୍ତ ଜଳ, ବାୟୁ, ମୃତ୍ତିକା, ଜଙ୍ଗଲ, ଶବ୍ଦ, ଆଲୋକ ଆଦି ର ପ୍ରଦ୍ୟୁଷଣ ମୁକ୍ତ ରଖିବାଏକାନ୍ତ ବିଧେୟ ବୋଲି ବ୍ଲକ ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଶିଷ୍ଟ ପରିବେଶପ୍ରେମୀ ମାନେ ମତ ପ୍ରକାଶ କରିଛନ୍ତି। କଟକ ଜିଲ୍ଲା ନିଶ୍ଚିନ୍ତ କୋଇଲି ବ୍ଲକ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ପଣସପଡ଼ିଆ ପଣ୍ଡାଭବନ ପରିସରରେ ' କୃଷକ ସମ୍ବାଦ ' ଓ 'ଜନମଙ୍ଗଳ ' ଅନୁଷ୍ଠାନ ର ମିଳିତ ଆନୁକୁଲ୍ୟରେ ଉକ୍ତ କାର୍ଯ୍ୟକ୍ରମ କୃଷକ ସମ୍ବାଦ ର ସମ୍ପାଦକ ବିଶିଷ୍ଟ ସମାଜସେବୀ ଭାସ୍କର ବେହେରା ଙ୍କ ପ୍ରବର୍ତ୍ତନ କ୍ରମେ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି। ଜନମଙ୍ଗଳ ସଭାପତି ବିଶିଷ୍ଟ ପରିବେଶବିତ୍ ପ୍ରମୋଦ କୁମାର ଦାଶ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ କୁ ନିଶ୍ଚିନ୍ତ କୋଇଲି ବ୍ଲକ କୃଷି ଅଧିକାରୀ ଶୁଭସ୍ମିତା ମହାପାତ୍ର ଉଦଘାଟନ କରି ଜୈବବିବିଧତା ର ସୁରକ୍ଷା ରେ ପ୍ରକୃତି କୁ ଆପଣାଇବାକୁ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ କଟକ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶିକ୍ଷାବିତ ଅକ୍ଷୟ କୁମାର ଷଡଙ୍ଗୀ ଯୋଗ ଦେଇ ବ୍ୟାପକ ବୃକ୍ଷ ରୋପଣ ଓ ସଂରକ୍ଷଣ ପାଇଁ ଆହ୍ୱାନ



ଦେଇଥିଲେ। କାଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଫକୀର ଚରଣ ନାୟକ, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ସାମ୍ବାଦିକ ସଂଘ ଯୋଗାଯୋଗ ମୁଖ୍ୟ ନିର୍ବାହୀ ଶଶି ଭୂଷଣ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ବଳରାମ ପାତ୍ର, ପ୍ରାକ୍ତନ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଡ ପ୍ରସନ୍ନ କୁମାର ଦାସ, ଚିକିତ୍ସକ ଡାକ୍ତର ଅଶ୍ୱିନୀ କୁମାର ଲେଙ୍କା, ମହନ୍ତ ଅନନ୍ତ ରାମ ଦାସ,ସମାଜସେବୀ ଦେବବ୍ରତ ପଣ୍ଡା ପ୍ରମୁଖ ଯୋଗଦାନ କରିଥଲେ। ଏହି ଅବସରରେ ସାମୁହିକ ସବୁଜ ଶପଥ ପାଠ ଓ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଂଗଠିକା କୃତିରାଣୀ ମାହାଳି, ପ୍ରେମଲତା ବେହେରା, ନିବେଦିତା ଶତପଥୀ, ସୁନୀଲ କୁମାର ପଣ୍ଡା, ହରପ୍ରିୟା ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦମୟନ୍ତୀ ମଲ୍ଲିକ, ପ୍ରମୋଦିନୀ ରାଉତ, ରୀଙ୍କୁବାଳା ବେହେରା, ଝରଣା ସିଂହ, ଜାନକୀ ମଲ୍ଲିକ, ସ୍ୱର୍ଣ୍ଣପ୍ରଭା ବେହେରା, କବିତା ବେହେରା ପ୍ରମୁଖ ଶତାଧିକ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରିଥିଲେ। ଶେଷରେ ସ୍ୱେଚ୍ଛାସେବୀ ହରିହର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲୁ ପାରାଦୀପ ଟର୍ମିନାଲ ରେ ବିଶ୍ୱ ପରିବେଶ ଦିବସ ପାଳିତ

# ପରିବେଶ ସୁରକ୍ଷା ଦିଗରେ ଜେଏସଡବ୍ଲ୍ୟୁର ଅବଦାନ ଅତୁଳନୀୟ

**ପାରାଦୀପ, ୫।୬ (ନି.ପ୍ର):** ଜେଏସଡବ୍ଲୁ ପାରାଦୀପ ଟର୍ମିନାଲ୍ସରେ ବିଶ୍ୱ ପରିବେଶ ଦିବସ ୨୦୨୬ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି ଏବଂ ପରିବେଶ ସୁରକ୍ଷାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରିବା ପାଇଁ ଟର୍ମିନାଲ୍ସ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ବର୍ଷର ବିଷୟବସ୍ତୁ, 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମର ଭବିଷ୍ୟତ ପାଇଁ।' ବର୍ତ୍ତମାନ ଜଳବାୟୁ ପାଇଁ, ବାର୍ତ୍ତା ସହିତ, ଜଳବାୟୁ ସୁରକ୍ଷା ପାଇଁ କାର୍ଯ୍ୟ, ପ୍ରକୃତି-ଆଧାରିତ ସମାଧାନ ଏବଂ ବିଶ୍ୱ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅଭିଯାନରେ, ଜେଏସଡବ୍ଲୁ ପାରାଦୀପ ଟର୍ମିନାଲ୍ସର ୟୁନିଟ୍ ମୁଖ୍ୟ କ୍ୟାପ୍‌ଟେନ୍ ସିଦ୍ଧାର୍ଥ ଶୁକ୍ଳା,



ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ସହକର୍ମୀଙ୍କ ସହିତ, ନେହେରୁ ବଙ୍ଗଳା ସମୁଦ୍ର ବେଳାଭୂମିରେ ଏକ ସମୁଦ୍ର ବେଳାଭୂମି ସଫେଇ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଚେନ୍ନାଇ ରାଧା ଇଞ୍ଜିନିୟରିଂ, ଫୋନିକ୍ସ ସଲ୍ୟୁସନ୍ସ ଏବଂ ଏସଆଇଏସ ନିରାପତ୍ତା କର୍ମୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ କୋଲ ଟର୍ମିନାଲ୍ ପରିସରରେ ସମସ୍ତ କର୍ମଚାରୀ ମାନଙ୍କ ଦ୍ୱାରା ଏକାଧିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ପରିବେଶ ସୁରକ୍ଷା ସମ୍ବନ୍ଧିତ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା।

ଏହି ଅବସରରେ ୟୁନିଟ୍ ମୁଖ୍ୟ କ୍ୟାପ୍‌ଟେନ୍ ସିଦ୍ଧାର୍ଥ ଶୁକ୍ଳା ବିଶ୍ୱ ପରିବେଶ ଦିବସରେ ସଚେତନତା ବୃଦ୍ଧି ସହିତ, ପରିବେଶ ସୁରକ୍ଷା ପାଇଁ ସାମୂହିକ କାର୍ଯ୍ୟ କରିବା ଏବଂ ସମାଜର ସମସ୍ତ ବର୍ଗଙ୍କୁ ଏଥି ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ଏହି ପଦକ୍ଷେପ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ବୋଲି କହିଥିଲେ। ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ସେ ସମସ୍ତ ସହକର୍ମୀ ଏବଂ ସହଯୋଗୀ କମ୍ପାନୀର ସଦସ୍ୟମାନଙ୍କୁ ଅଧିକ ପରିବେଶଗତ ସଚେତନ ହେବାକୁ, ପ୍ରକୃତିର ସୁରକ୍ଷା ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବାକୁ ଏବଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ଅସନ୍ତୁଳନର ମୁକାବିଲା କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

## ବିଜେଡିରୁ ଛାତ୍ର ନେତା

# ଜଗନ୍ନାଥ ମହାନ୍ତିଙ୍କ ଇସ୍ତଫା

**କଟକ,୫।୬ (ନି.ପ୍ର):** ୨୦୧୬ରୁ ବିଜେଡି ରେ ଜଣେ ସକ୍ରିୟ କାର୍ଯ୍ୟ କର୍ତ୍ତା ଭାବେ ନିଷ୍ଠା ର ସହ କାର୍ଯ୍ୟ କରୁଥିଲି. ଦଳ ମୋତେ ୨୦୧୯ରେ ୨୨ ନମ୍ବର ୱାର୍ଡ ର ବିଜୁଯୁବ ବାହିନୀ ର ର ସମ୍ପାଦକ ଦାୟିତ୍ୱ ଦେଇଥିଲେ ମୁଁ ତାହା ନିଷ୍ଠା ପର ଭାବେ କାର୍ଯ୍ୟ କରିଛି। ବିଜୁ ଜନତା ଦଳର ଛାତ୍ର ସଭାପତି ଭାବେ ୨୨ନମ୍ବର ୱାର୍ଡ ରେ ୨୦୨୨ରୁ ୨୦୨୫ ଦୁଇ ଦୁଇ ଥର ଦାୟିତ୍ୱ ଦେଇଥିଲେ, ମୁଁ ତାକୁ ନିଷ୍ଠାପର ଭାବେ ଦାୟିତ୍ୱ ତୁଲାଇଛି। ବିଗତ କିଛିଦିନ ହେବ ଦଳ ପକ୍ଷରୁ



ମୋତେ କୌଣସି କାର୍ଯ୍ୟକ୍ରମ ରେ ସାମିଲ କରାଯାଉନାହିଁ କି ଅବଗତ କରାଯାଉ ନାହିଁ। ବିଗତ ସାଧାରଣ ନିର୍ବାଚନ ଓ ମହାନଗର ନିର୍ବାଚନରେ ଦଳ ମୋତେ ଯେ କୌଣସି ଦାୟିତ୍ୱ ଦେଇଛି ତାହା ମୁଁ ସୁଚାରୁ ରୂପେ ଦାୟିତ୍ୱ ତୁଲାଇଛି। ବିଗତ କିଛିଦିନ ହେବ ଆମେ ଦଳ ପାଇଁ ସବୁକିଛି କରିଥିଲେ ମଧ୍ୟ ଦଳ କିନ୍ତୁ କିଛି ବର୍ଷ ହେବ ଆମକୁ ସବୁବେଳେ ଅଣଦେଖା କରି ଚାଲିଛି। ଏହିପରି ପ୍ରେକ୍ଷୀରେ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଦଳର ସଭାପତି ନବୀନ ପଟ୍ଟ ନାୟକ ଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଛନ୍ତି।

# ଜେକେ କାଗଜ କଳ ପରିସରରେ ବିଶ୍ୱ ପରିବେଶ ଦିବସ ପାଳନ

**ରାୟଗଡ଼ା, ୫।୬ (ନି.ପ୍ର):** ଜେକେ କାଗଜ କଳ ତରଫରୁ କାଗଜ କଳ ପରିସରରେ ଆଜି ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଶ୍ରୀ ବିଶ୍ୱଜିତ ଦ୍ୱିବେଦୀ, ଉପସଭାପତି (ବାଣିଜ୍ୟ ) ,ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ବୃକ୍ଷ ରୋପଣ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତତ୍ ସଙ୍ଗେ କାଗଜ କଳ ର କର୍ମଚାରୀ ମାନେ ମଧ୍ୟ ୧୫୦୦ ପାଖାପାଖି ବୃକ୍ଷ ରୋପଣ କରି ଥିଲେ। ତାଙ୍କ ବକ୍ତବ୍ୟ ମାଧ୍ୟମରେ ରେ ''ଜଳବାୟୁ କାର୍ଯ୍ୟାନୁଷ୍ଠାନ – ସୁସ୍ଥିର ଭବିଷ୍ୟତ ପାଇଁ ପ୍ରତ୍ୟେକ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଜଳବାୟୁ ପରିବର୍ତ୍ତନ ଆଜି ବିଶ୍ୱର ଏକ ଗୁରୁତର ସମସ୍ୟା ହୋଇପଡ଼ିଛି। ବୃକ୍ଷରୋପଣ, ଶକ୍ତି ସଞ୍ଚୟ, ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ମାଧ୍ୟମରେ ଆମେ ଏହାର ମୁକାବିଲା କରିପାରିବା।




ଛୋଟ ଛୋଟ ସକାରାତ୍ମକ ପଦକ୍ଷେପ ମିଶି ଏକ ସବୁଜ, ସ୍ୱଚ୍ଛ ଓ ସୁସ୍ଥିର ଭବିଷ୍ୟତ ଗଢ଼ିପାରିବ। ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଆମ ସମସ୍ତଙ୍କ ସକ୍ରିୟ ଅବଦାନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଅଶୋକ ଭୋଇ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡା ଶାଖା ର ଆଞ୍ଚଳିକ ଅଧିକାରୀ ଓ ଶ୍ରୀ ପ୍ରଭୁଦେବ ବେହେରା, ସହକାରୀ ଯନ୍ତ୍ରୀ, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାୟଗଡା ଶାଖା ଓ କାଗଜ କଳ ର ଏମ୍ ଆର୍ କେ ରାୟ, ବରିଷ୍ଠ ମହା ପ୍ରବନ୍ଧକ (ମେକାନିକାଲ) ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦାନ କରିଥିଲେ। ଶ୍ରୀ ସତ୍ୟଜିତ ମହାନ୍ତି,ମହାପ୍ରବନ୍ଧକ (ପରିବେଶ , ସୁରକ୍ଷା ଓ ସ୍ୱାସ୍ଥ୍ୟ ) ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିବେଶ ନିୟନ୍ତ୍ରଣ ଓ ସୁରକ୍ଷା ବିଭାଗ ର ଅଧିକାରୀ ମାନେ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ବିଶ୍ୱ ପରିବେଶ ଦିବସ-୨୦୨୬ ପାଳିତ

ଅନୁଗୋଳ,୫।୬: ଜିନ୍ଦଲ ଷ୍ଟିଲ ଅନୁଗୋଳ ସ୍ଥିତ ଜିନ୍ଦଲ ନଗରରେ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ତ୍ୱରିତ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିଲା ଏବଂ ପରିବେଶଗତ ସ୍ଥିରତା ପାଇଁ ଗୋଟିଏ ସପ୍ତାହ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । "ପ୍ରକୃତି ଦ୍ୱାରା ଅନୁପ୍ରାଣିତ । ଜଳବାୟୁ ପାଇଁ । ଆମ ଭବିଷ୍ୟତ ପାଇଁ "। ଏହି ବିଷୟବସ୍ତୁରେ ଅନୁପ୍ରାଣିତ ହୋଇ ଜିନ୍ଦଲ ଷ୍ଟିଲର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ପରିବେଶଗତ ଜାଗରଣ ସୃଷ୍ଟି କରାଯାଇଥିଲା ।



ଏହି ଅବସରରେ ଜିନ୍ଦଲ ନଗର ଟାଉନସିପରେ 'ପରିବେଶ ପାଇଁ ଦୌଡ' ନାଁରେ ଏକ ଗଣଦୌଡ ଏବଂ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା । ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସଂଯୁକ୍ତ ଅନୁଗୋଳ ମୁଖ୍ୟ ଶ୍ରୀ ପି.କେ ବିଜୁ ନାୟର ସବୁଜ ପତାକା ଦେଖାଇ ଏହି ଗଣଦୌଡର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଶ୍ରୀ ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଶ୍ରୀ ହୃଦୟେଶ୍ୱର ଝା, ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ । ଏହି ଦୌଡରେ ବହୁ ସଂଖ୍ୟାରେ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଏବଂ ସ୍ଥାନୀୟ ଅଂଚଳର ବାସିନ୍ଦାମାନେ ଅଂଶଗ୍ରହଣ କରିଥିଲେ । ଇଡେନ୍ ଗାର୍ଡେନରୁ ଆରମ୍ଭ ହୋଇ ଏହି ଗଣଦୌଡ ବୃକ୍ଷରୋପଣ ସ୍ଥଳରେ ଶେଷ ହୋଇଥିଲା ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହାୟକ ପରିବେଶ ବିଜ୍ଞାନୀ, ଡଃ ପ୍ରଫୁଲ୍ଲ କୁମାର ବେହେରା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜିନ୍ଦଲ ନଗରରେ ଏକ ଚାରା ରୋପଣ କରିଥିଲେ, ଯାହା ଏହି କାର୍ଯ୍ୟକ୍ରମର ଗୁରୁତ୍ୱକୁ ବ?ାଇ ଦେଇଥିଲା ।

ଏହା ସହିତ, ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ଏବଂ ଚିତ୍ରକଳା ପ୍ରତିଯୋଗିତା ଏବଂ ଗୃହିଣୀମାନଙ୍କ ପାଇଁ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ସହିତ ଏକାଧିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଜାଗରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ କର୍ମଚାରୀମାନଙ୍କ ପାଇଁ ଏକ ଅନଲାଇନ୍ କୁଇଜ୍ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା ।ଘରୋଇ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ବିଶେଷ କର୍ମଶାଳାର ଆୟୋଜନ କରାଯାଇଥିଲା, ଯେଉଁଥିରେ ଦୁଇ-ଡଷ୍ଟବିନ୍ ପ୍ରଣାଳୀ ମାଧ୍ୟମରେ ଉତ୍ସସ୍ତରରେ ବର୍ଜ୍ୟ ପୃଥକୀକରଣ, ଘରୋଇ କମ୍ପୋଷ୍ଟିଂ ପ୍ରଣାଳୀ ଏବଂ ବର୍ଜ୍ୟବସ୍ତୁର ପୁନଃବ୍ୟବହାର ବିଷୟରେ ଅବଗତ କରାଯାଇଥିଲା। ଏହି ପଦକ୍ଷେପ ଟାଉନସିପ୍ ?ର 'ଶୂନ୍ୟ ବର୍ଜ୍ୟବସ୍ତୁ' ସମ୍ପ୍ରଦାୟ ହେବାର ଦୃଷ୍ଟିକୋଣକୁ ସମର୍ଥନ କରୁଛି ।ସମ୍ପ୍ରଦାୟର ଉତ୍ସାହୀ ଅଂଶଗ୍ରହଣ ଏବଂ ପ୍ରତିଯୋଗିତାରେ ବିଜେତାମାନଙ୍କ ନାମ ଘୋଷଣା ସହ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଜଳବାୟୁ ନେଇ ସତର୍କତା, ପରିବେଶ ପରିଚାଳନା ଏବଂ ସ୍ଥାୟୀ ବିକାଶ ପ୍ରତି ଜିନ୍ଦଲ ଷ୍ଟିଲ କେତେ ପ୍ରତିବଦ୍ଧ ତାହା ଏହି ସମସ୍ତ କାର୍ଯ୍ୟକ୍ରମ ଜରିଆରେ ପ୍ରତିଫଳିତ ହୋଇଥିଲା ।ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ଡେରଜାଙ୍ଗ, ମାଲିବ୍ରାହ୍ମଣୀ ଏବଂ ଓପିଜେସିସିରେ ମଧ୍ୟ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା । ଏହି ଅବସରରେ ଉଦ୍ୟାନ, ସ୍ଥାୟୀ ଖାଦ୍ୟ ଉତ୍ପାଦନ ଏବଂ ବାଡିରେ ପୁଷ୍ଟିକର ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀ ଏବଂ ଚାଷୀମାନଙ୍କୁ ବିହନ ବଣ୍ଟନ କରାଯାଇଥିଲା । ଡେରଜାଙ୍ଗରେ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣରେ ଏକ ବୃକ୍ଷରୋପଣ ଅଭିଯାନ ଆୟୋଜନ ମଧ୍ୟ କରାଯାଇଥିଲା।


**GOVT. VOC. H.S. SCHOOL, MAHIMUNDA**

**DIST.- BALANGIR**

mail-gvhssmahimunda@gmail.com Mob.-7894774222

Letter No. 44 Date.04.06.2026

**Engagement of Guest Faculty during the session 2026-27**

Candidates have requisite qualification and eligibility as per Letter No. 6076 Dt. 02.06.2026 of Director DHSE, Odisha can attend in the office of the Principal, Govt. Vocational Higher Secondary School, Mahimunda for Certificate Verification in SPEFL (Sports, Physical and T & H (Tourism & Hospitality) Trade on date Education, Fitness & Leisure) 18.06.2026 time 11.00 AM. No TA/DA will be admissible.


# ଜିଲ୍ଲା ସ୍ତରୀୟ ବାଲ୍ୟବିବାହ ମୁକ୍ତ କର୍ମଶାଳା

ଅନୁଗୋଳ : ୨୦୩୦ ମସିହା ସୁଦ୍ଧା ଅନୁଗୋଳ ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଏକ ବୃହତ ରଣନୀତି ପ୍ରସ୍ତୁତ ହୋଇଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ଅନୁଗୋଳ ଜିଲ୍ଲା ପ୍ରଶାସନ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ୟୁନିସେଫ୍ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ 'ବ୍ଲାକ୍ ଡାଇମଣ୍ଡ'ଠାରେ ଏକ ଜିଲ୍ଲା ସ୍ତରୀୟ ରଣନୀତିମୂଳକ କାର୍ଯ୍ୟଯୋଜନା ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ କିଶୋରୀଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ କିଶୋରୀଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ଅଦ୍ୱିକା' କାର୍ଯ୍ୟକ୍ରମ ପରି ଯୋଜନା ବିଷୟରେ କହି ଲୋକଙ୍କୁ ସଚେତନ ହେବାକୁ କହିଥିଲେ। ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘାସିରାମ ପଣ୍ଡା ଜିଲ୍ଲା କାର୍ଯ୍ୟଯୋଜନାର ଲକ୍ଷ୍ୟ, ବିଭିନ୍ନ ବିଭାଗର ଦାୟିତ୍ୱ, ନିରୀକ୍ଷଣ-ରିପୋର୍ଟିଂ ପ୍ରଣାଳୀ ଏବଂ ସମନ୍ୱୟ ରକ୍ଷା ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ ଦେବ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ଗ୍ରାମ ପଞ୍ଚାୟତ ଅଧିକାରୀ ଶ୍ରୀମତୀ ଚିନ୍ମୟୀ ସାମନ୍ତରାୟ ,ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ, ଜିଲ୍ଲା ପ୍ରୋଗ୍ରାମ ଅଧିକାରୀ, ସ୍ଥାନୀୟ ପୋଲିସ ଅଧିକାରୀ, ସମସ୍ତ ସିଡିପିଓ , ସୁପରଭାଇଜର, କିଶୋରୀ ବାଳିକା ଏବଂ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସର୍ବଶେଷରେ ୟୁନିସେଫ୍‌ର ଜିଲ୍ଲା ସଂଯୋଜିକା ଶ୍ରୀମତୀ ସନ୍ଧ୍ୟାରାଣୀ ନାୟକ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବଙ୍ଗିଦା ଗ୍ରାମ ୭ ନମ୍ବର ୱାର୍ଡରେ ନୂତନ ନଳକୂପ ସ୍ଥାପନ କେବେ ?

ଖୋର୍ଦ୍ଧା,୫।୬(ନି.ପ୍ର.): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବଙ୍ଗିଦା ଗ୍ରାମର ୭ ନମ୍ବର ୱାର୍ଡରେ ବାସିନ୍ଦା ପିଇବା ପାଣିର ଘୋର ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ୱାର୍ଡର ଏକମାତ୍ର ନଳକୂପଟି ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ପରିଦର୍ଶନ କରି ଏହାକୁ ରିଜେକ୍ଟ ଘୋଷଣା କରିଛନ୍ତି।

ଏହାଫଳରେ ଗ୍ରାମବାସୀଙ୍କୁ ପିଇବା ପାଣି ପାଇଁ ବହୁ ଦୂରକୁ ଯିବାକୁ ପଡୁଛି। ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାଇପ ପାଣି ମଧ୍ୟ ଅତ୍ୟନ୍ତ ସ୍ୱଳ୍ପ ସମୟ ପାଇଁ ଆସୁଥିବାରୁ ଦୈନନ୍ଦିନ ଆବଶ୍ୟକତା ପୂରଣ ହୋଇପାରୁନାହିଁ। ବିଶେଷକରି ଗ୍ରୀଷ୍ମ ଋତୁରେ ମହିଳା ଓ ବୃଦ୍ଧମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ ବାସୀ ରାଜ୍ୟ ସରକାର ଙ୍କୁ ବିନମ୍ର ଅନୁରୋଧ କରିଛନ୍ତି ଯେ ବଙ୍ଗିଦା ଗ୍ରାମର ୭ ନମ୍ବର ୱାର୍ଡରେ ତୁରନ୍ତ ଏକ ନୂତନ ନଳକୂପ ସ୍ଥାପନ କରି ଗ୍ରାମବାସୀଙ୍କ ପିଇବା ପାଣି ସମସ୍ୟାର ସମାଧାନ କରି ଆବଶ୍ୟକ ପଦକ୍ଷେପ ନେବା ପାଇଁ।

# ଅନୁଗୋଳ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ



ଅନୁଗୋଳ : ଅନୁଗୋଳ ବନ ବିଭାଗର ସମସ୍ତ ରେଞ୍ଜରେ ବିଶ୍ୱ ପରିବେଶ ଦିବସ ୨୦୨୬ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଯାଇଛି। ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ ବନ ଅଧିକାରୀ, ଆଗଧାଡ଼ିର କର୍ମଚାରୀ, ଛାତ୍ର ଏବଂ ସ୍ଥାନୀୟ ସମ୍ପ୍ରଦାୟ ହାତ ମିଳାଇଥିଲେ। ବୃକ୍ଷରୋପଣ ଅଭିଯାନ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଜଙ୍ଗଲ ଏବଂ ଜୈବ ବିବିଧତା ସୁରକ୍ଷାର ଗୁରୁତ୍ୱକୁ ଆଲୋକପାତ କରାଯାଇଥିଲା। ଏକାଠି, ଆମେ ଆଗାମୀ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିବା।

# 'ବିଶ୍ୱ ପରିବେଶ ଦିବସ'ରେ ନିଜ ମା'ଙ୍କ ସହ ଗଛ ଲଗାଇଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୫।୬: 'ବିଶ୍ୱ ପରିବେଶ ଦିବସ' ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା' କେ ନାମ୍ ୩.୦' ଅଭିଯାନରେ ସାମିଲ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ପରିପ୍ରେକ୍ଷୀରେ ଶ୍ରୀ ପ୍ରଧାନ ନୂଆଦିଲ୍ଲୀ ଠାରେ ନିଜର ମା' ଓ ପରିବାର ସଦସ୍ୟଙ୍କ ସହ ଗଛ ଲଗାଇଛନ୍ତି । ଏହାସହ ଦିଲ୍ଲୀ କାଣ୍ଟନମେଣ୍ଟ ସ୍ଥିତ 'ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧' ପରିସରରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ବୃକ୍ଷରୋପଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ।

ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଆରମ୍ଭ ହୋଇଥିବା ଏହି ଅଭିଯାନ ଆଜି କେବଳ ଏକ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏହା ପରିବେଶ ସୁରକ୍ଷା ଓ ଭାବନାତ୍ମକ ସମ୍ପର୍କର ଏକ ପ୍ରେରଣାଦାୟୀ 'ଜନ-ଆନ୍ଦୋଳନ'ର ରୂପ ନେଇଛି । ମା'ଙ୍କ ସମ୍ମାନରେ ବୃକ୍ଷରୋପଣ କରିବା କେବଳ ଏକ ସାଧାରଣ କାର୍ଯ୍ୟ ନୁହେଁ, ବରଂ ଏହା ଜନ୍ମଦାତ୍ରୀ ମା'ଙ୍କ ପ୍ରତି କୃତଜ୍ଞତା ଏବଂ ଧରିତ୍ରୀ ମା'ଙ୍କ ପ୍ରତି ଆମର ମିଳିତ ଦାୟିତ୍ୱବୋଧର ଏକ ସୁନ୍ଦର ପ୍ରୟାସ । ଏହି ପବିତ୍ର ଅଭିଯାନରେ ସାମିଲ ହେବାକୁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଆସନ୍ତା ପିଢ଼ିର କଲ୍ୟାଣ ତଥା ସମୃଦ୍ଧ ଭାରତ ଗଠନ ପାଇଁ ପରିବେଶର ସୁରକ୍ଷା କରିବା ଏବଂ ଆମେ ଲଗାଉଥିବା ପ୍ରତ୍ୟେକ ଗଛର ଯତ୍ନ ନେବାକୁ ସେ ଦେଶବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଛନ୍ତି । ସେହିପରି କେନ୍ଦ୍ରୀୟ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ ସେମାନଙ୍କୁ ବୃକ୍ଷରୋପଣର ସଚେତନତା ଉପରେ ବୁଝାଇଥିଲେ । ପରିବେଶ ସଂରକ୍ଷଣ ପ୍ରତି ପିଲାମାନଙ୍କର ସଚେତନତା, ଉତ୍ସାହ ଏବଂ ଦାୟିତ୍ୱବୋଧକୁ ପ୍ରଶଂସା କରିଥିଲେ । ଏହି ଆଲୋଚନା ଭାରତର ଏକ ସବୁଜ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସ ବଢ଼ାଉଛି ବୋଲି ସେ ପ୍ରକାଶ କରିଛନ୍ତି ।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ

## ସବୁଜ ଓ ସ୍ୱଚ୍ଛତା ପଦକ୍ଷେପକୁ ପ୍ରୋତ୍ସାହନ

ପାରାଦୀପ, ୫/୬:- ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଏହାର ଅତ୍ୟାଧୁନିକ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ-୩ (ଏସଟିପି-୩) କମ୍ପ୍ଲେକ୍ସରେ ଶୁକ୍ରବାର ଦିନ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି କ୍ଷ ସ୍ଥାୟୀ ବିକାଶ, ପରିବେଶଗତ ପରିଚାଳନା ଏବଂ ଜଳବାୟୁ କାର୍ଯ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି ପାରାଦୀପ ବନ୍ଦର। ଏହି ଉତ୍ସବ ୨୦୨୬ ପାଇଁ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ ଥିମ୍, 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ, ଜଳବାୟୁ ପାଇଁ, ଆମ ଭବିଷ୍ୟତ ପାଇଁ ଉପରେ ଆଧାରିତ ଥିଲା କ୍ଷ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ, ଅଧିକାରୀ, କର୍ମଚାରୀ ଏବଂ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି ହରନାଦ ପ୍ରକୃତି-ଆଧାରିତ ସମାଧାନ ଏବଂ ସ୍ଥାୟୀ ପ୍ରଯୁକ୍ତିବିଦ୍ୟାକୁ ବନ୍ଦର କାର୍ଯ୍ୟରେ ସାମିଲ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ପାରାଦୀପ ବନ୍ଦରକୁ ଏକ ଆଧୁନିକ, ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଏବଂ ଜଳବାୟୁ-ପ୍ରତିରୋଧୀ ସାମୁଦ୍ରିକ କେନ୍ଦ୍ରରେ ପରିଣତ କରିବା ପାଇଁ ପାରାଦୀପ ବନ୍ଦର ର ଦୃଷ୍ଟିକୋଣକୁ ଦୋହରାଇଥିଲେ। ଏସଟିପି-୩ ରେ ଉନ୍ନତ ପରିବେଶଗତ ଇକୋଲୋଜିକାଲ ଇଞ୍ଜିନିୟରିଂକୁ ଉପଯୋଗ କରି, ପାରାଦୀପ ବନ୍ଦର କେବଳ



ବର୍ଜ୍ୟଜଳକୁ ବିଶୋଧନ କରୁନାହିଁ; ଏହା ପ୍ରକୃତି-ଆଧାରିତ ସମାଧାନ କାର୍ଯ୍ୟକାରୀ କରି କାର୍ବନ କୁ ହ୍ରାସ କରୁଛି, ମୂଲ୍ୟବାନ ସମ୍ବଳ ସଂରକ୍ଷଣ ସହ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଯୋଗଦାନ ଦିଏ,'ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ।

ଅଧ୍ୟକ୍ଷ ନବସୃଜନଶୀଳ ପରିବେଶ ପରିଚାଳନା ଅଭ୍ୟାସ, ସମ୍ବଳ-ଦକ୍ଷ ଭିତ୍ତିଭୂମି ଏବଂ ସ୍ଥାୟୀ କାର୍ଯ୍ୟକ୍ଷମ ରଣନୀତି ମାଧ୍ୟମରେ ଏକ ସ୍ୱୟଂଚାଳିତ, କାର୍ବନ-ନିରପେକ୍ଷ ଏବଂ ସବୁଜ ବନ୍ଦର ଇକୋସିଷ୍ଟମ ଗଠନ ଦିଗରେ ବନ୍ଦର କର୍ତ୍ତୃପକ୍ଷଙ୍କ ଜାରି ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେ ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲା ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ବିଶ୍ୱ ପରିବେଶ ଦିବସ ଅବସରରେ, ପାରାଦୀପ ବନ୍ଦର ଏବଂ ଆଖପାଖ ସମ୍ପ୍ରଦାୟଗୁଡ଼ିକରେ ପରିବେଶ ସଚେତନତା, ସମ୍ପଦ ସଂରକ୍ଷଣ ଏବଂ ଜଳବାୟୁ-ସଚେତନ ଅଭ୍ୟାସକୁ ପ୍ରୋତ୍ସାହିତ କରି 'ସବୁଜ ହୁଅ, ସ୍ୱଚ୍ଛ ହୁଅ' ବାର୍ତ୍ତା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ। ଆଗାମୀ ବର୍ଷଗୁଡ଼ିକରେ ନବୀକରଣୀୟ ଶକ୍ତି ଗ୍ରହଣ, ଜଳ ସଂରକ୍ଷଣ, ବନୀକରଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଭଳି ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରାଯିବ ବୋଲି ବନ୍ଦର ଅଧ୍ୟକ୍ଷ ହରନାଦ ସୂଚନା ଦେଇଥିଲେ। ପରିବେଶ ସୁରକ୍ଷା, କାର୍ବନ ନିର୍ଗମନ ହ୍ରାସ, ପ୍ରାକୃତିକ ସମ୍ପଦ ସଂରକ୍ଷଣ ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ମିଳିତ ଭାବରେ କାମ କରିବା ପାଇଁ ସମସ୍ତ ଅଂଶଗ୍ରହଣକାରୀଙ୍କ ସାମୂହିକ ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୪ ଉଦଘାଟିତ

ଅନୁଗୋଳ ୫।୬(ନି.ପ୍ର.):: ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଗ୍ରାସରୁଟ୍ ସ୍ତରରେ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଏବଂ କ୍ରୀଡ଼ାର ସାମଗ୍ରିକ ବିକାଶ ଲକ୍ଷ୍ୟରେ ଆୟୋଜିତ ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-IV (ଅନୁଗୋଳ) ବାଳକ ଓ ବାଳିକା ଚ୍ୟାମ୍ପିୟନସିପ୍-୨୦୨୬ ଆଜି ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ଓଡ଼ିଶା କବାଡ଼ି ଆସୋସିଏସନ୍‌ର ତତ୍ତ୍ୱାବଧାନ ଓ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା କ୍ରୀଡା ବିଭାଗ ତଥା ଅନୁଗୋଳ ଦୌଡ଼କୁଦ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ୪ ଜୁନରୁ ୬ ଜୁନ ପର୍ଯ୍ୟନ୍ତ ଚାଲିବ। ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସି.ଏମ୍. ଟ୍ରଫି ଭଳି ପ୍ରତିଯୋଗିତା ମାଧ୍ୟମରେ ଗ୍ରାମାଞ୍ଚଳ ଓ ତୃଣମୂଳ ସ୍ତରରେ ଥିବା ଲୁକ୍କାୟିତ କ୍ରୀଡ଼ା ପ୍ରତିଭାମାନେ ଚିହ୍ନଟ ହୋଇ ଭବିଷ୍ୟତରେ ରାଜ୍ୟ ଓ ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବେ ବୋଲି କହିଥିଲେ।



# ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଶ୍ୱ ପରିବେଶ ଦିବସ ପାଳିତ

ଖୋର୍ଦ୍ଧା,୫।୬(ନି.ପ୍ର.): ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଦିଗରେ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସବୁଜ ଓ ସୁସ୍ଥ ପରିବେଶ ଗଠନ ପାଇଁ ଜନସାଧାରଣଙ୍କୁ ସକାରାତ୍ମକ ପରିବେଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରେରିତ କରାଯାଇଥିଲା।

ଏହି ଅବସରରେ କଲ୍ୟାଣୀ ମଣ୍ଡପ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଡି. ସୁନିଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ରାଜଧାରୀ ଯାଦବଙ୍କ ସମେତ ବିଭିନ୍ନ ଶାଖା ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ କରିଥିଲେ ।ଖୋର୍ଦ୍ଧା ରୋଡ଼ରେଳ ଷ୍ଟେସନରେ



ସ୍କାଉଟ୍ସ ଓ ଗାଇଡ୍ସର ଶିଶୁମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଯାତ୍ରୀମାନଙ୍କୁ ପ୍ଲାଷ୍ଟିକ ଦୂଷଣ ରୋକିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣେଇବା ପାଇଁ ପ୍ରେରିତ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଶ୍ରୀ ଡି. ସୁନିଲ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଯାତ୍ରୀ ଓ ବ୍ୟବସାୟୀମାନଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ କରାଯାଇଥିଲା ପ୍ଲାଷ୍ଟିକର ସ୍ଥାନରେ ପରିବେଶ ସୁରକ୍ଷାମୂଳ ବିକଳ୍ପ ବ୍ୟବହାର ପାଇଁ ଉତ୍ସାହିତ କରିଥିଲେ। ବିଶ୍ୱ ପରିବେଶ ଦିବସ ଅବସରରେ ରେଳ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁକୁ ଆଧାର କରି ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହା ପୂର୍ବରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ୧୫.୦୫.୨୦୨୬ ତାରିଖରୁ "ବିଶ୍ୱ ପରିବେଶ ଦିବସ ଅଭିଯାନ" ଆରମ୍ଭ କରିଥିଲା। ଏହି ଅଭିଯାନ ଅବଧିରେ ପରିବେଶ ସଂରକ୍ଷଣ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ସମ୍ବନ୍ଧୀୟ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱ ପରିବେଶ ଦିବସ ଓ ସମ୍ପୃକ୍ତ ସଚେତନତା ଅଭିଯାନର ସମସ୍ତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ପ୍ରବନ୍ଧକ ଶ୍ରୀ ସମ୍ବିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଯାନ୍ତ୍ରିକ ବିଭାଗର ପରିବେଶ ଏବଂ ସ୍ୱଚ୍ଛତା ପରିଚାଳନା ଶାଖା ଦ୍ୱାରା ସଫଳତାର ସହ ସମନ୍ୱୟ ରକ୍ଷା କରାଯାଇ ସମ୍ପାଦନ କରାଯାଇଥିଲା

# କେଜ୍ରିୱାଲଙ୍କ ଫୋକସ୍‌ରେ ଓଡ଼ିଶା

ରାୟଗଡ଼ା: ରାୟଗଡ଼ା ଆପ୍ ର ଜିଲ୍ଲା କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ରାଜ୍ୟ ସଂଗଠନ ସଂପାଦକ ତଥା ରାୟଗଡା ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଜନ୍‌ମେଜୟ ସ୍ୱାଇଁ ତାଙ୍କର ମତ ପରିପ୍ରକାଶ କରି କହିଥିଲେ:- ଆପ୍ ର ରାଷ୍ଟ୍ରୀୟ ଆବାହକ ଶ୍ରୀଯୁକ୍ତ ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶକ୍ରମେ ଏବଂ ରାଜ୍ୟ ସଭାପତି ଶ୍ରୀଯୁକ୍ତ ନିଶିକାନ୍ତ ମହାପାତ୍ର ଙ୍କ ନେତୃତ୍ୱରେ ସାରା ଓଡ଼ିଶାରେ ୧୪୭ ବିଧାନ ସଭା ରେ ପାର୍ଟି ର




ସଦସ୍ୟତା ଅଭିଯାନ ଜୁନ୍ ୧ ରୁ ୧୫ ର୍ଯ୍ୟନ୍ତ ଚାଲୁରହିବ। ଶ୍ରୀ ଜନ୍‌ମେଜୟ ସ୍ୱାଇଁ କହିଥିଲେ ବର୍ତ୍ତମାନ ଅରବିନ୍ଦ କେଜ୍ରିୱାଲଙ୍କ ଫୋକସ୍ ରେ ଓଡ଼ିଶା। କେଜ୍ରିୱାଲ ଙ୍କ ନିର୍ଦ୍ଦେଶ ରେ କେନ୍ଦ୍ର ରୁ ଓଡ଼ିଶାର ପ୍ରଭାରୀ ଶ୍ରୀଯୁକ୍ତ ବିରେନ୍ଦ୍ର ସିଂ କାଡିଆନ୍ ଙ୍କ ସହ ୫ ଜଣ ସହ -ପ୍ରଭାରୀ ଓଡ଼ିଶାର ଦାୟିତ୍ୱ ନେଇଛନ୍ତି। ଓଡ଼ିଶାରେ ବର୍ତ୍ତମାନ ପ୍ରତ୍ୟେକ ବିଧାନସଭା କ୍ଷେତ୍ରରେ ସଂଗଠନ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ଆଜି ଠାରୁ ରାୟଗଡା ଜିଲ୍ଲାର ୩ ଟି ବିଧାନ ସଭା,୧୮୨ ପଞ୍ଚାୟତ, ୧୧ଟି ବ୍ଲକ, ମ୍ୟୁନିସିପାଲଟି, ଏନଏସି, ୱାର୍ଡ ରେ ଆପ୍ ରାୟଗଡା ର ସମସ୍ତ କର୍ମ କର୍ତ୍ତା ମାନେ ସଦସ୍ୟ ତା ଆରମ୍ଭ କରିବେ । ଏବଂ ଆପ୍ ର ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି,ପାଣି ଓ ରୋଜଗାର ମଡେଲ ଘରେ ଘରେ ପହଞ୍ଚାଇବ। ଏହି କାର୍ଯ୍ୟକ୍ରମ ରେ ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ରୀଯୁକ୍ତ ଟି ସାଙ୍ଗନା, ସାଧୁ ରାମ ନାଏକ, ସୁନ୍ଦର କାଡ୍ରାକା, ସୋନ୍ତଷ ପାଇକ,ଆଜେଶ ବାଛିଲି, ଜୁନେଷ କୈଶଲ୍ୟା,ବି ଜଗଦିଶ୍ କୁମାର ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ